BOD-3
Block-4

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University
Sambalpur

# ସ୍ନାତକ କାର୍ଯ୍ୟକ୍ରମ

## ଓଡ଼ିଆ (ସମ୍ମାନ)

### ନବଚେତନା ଓଡ଼ିଆ ସାହିତ୍ୟ

## ଓଡ଼ିଆ ସାହିତ୍ୟରେ ସବୁଜ ଧାରା ଓ ପ୍ରଗତିବାଦୀ ଧାରା, ସମସାମୟିକ ଅନ୍ୟାନ୍ୟ ସାହିତ୍ୟ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକ ସମ୍ମାନ କାର୍ଯ୍ୟକ୍ରମ

## ପାଠ୍ୟକ୍ରମ - ୩
## ନବଚେତନା ଓଡ଼ିଆ ସାହିତ୍ୟ

## ବ୍ଲକ୍
## ୪ ଓଡ଼ିଆ ସାହିତ୍ୟରେ ସବୁଜ ଧାରା ଓ ପ୍ରଗତିବାଦୀ ଧାରା, ସମସାମୟିକ ଅନ୍ୟାନ୍ୟ ସାହିତ୍ୟ

ପ୍ରଥମ ଏକକ
### ସବୁଜ କବିତାର ଧାରା

ଦ୍ୱିତୀୟ ଏକକ
### ପ୍ରଗତି କବିତାର ଧାରା

ତୃତୀୟ ଏକକ
### ସମସାମୟିକ ଅନ୍ୟାନ୍ୟ ସାହିତ୍ୟିକ

ଚତୁର୍ଥ ଏକକ
### ସମସାମୟିକ ସାହିତ୍ୟିକଙ୍କ ସାହିତ୍ୟର ବିଭିନ୍ନ ଦିଗ

**ପାଠ୍ୟକ୍ରମ : ୩**

**ବ୍ଲକ୍ : ୪**

**ପ୍ରଥମ ସଂସ୍କରଣ : ୨୦୨୦**

**ଲେଖକ : ଡକ୍ଟର ପ୍ରମୋଦ କୁମାର ପାଢ଼ୀ**
ଓଡ଼ିଆ ବିଭାଗ, ଅଞ୍ଚଳ ମହାବିଦ୍ୟାଳୟ, ପଦ୍ମପୁର, ବରଗଡ଼ ।

**ସମୀକ୍ଷକ : ଡକ୍ଟର ସନ୍ତୋଷ କୁମାର ରଥ**
ଭୀମଭୋଇ ଚେୟାର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ଅଲଙ୍କରଣ : ଲିପିନା ସାହୁ**
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ଡିଟିପି : ନୃସିଂହ ପ୍ରଧାନ, ବୁର୍ଲା, ସମ୍ବଲପୁର ।**

**ପ୍ରକାଶକ**

**ଡକ୍ଟର ମାନସ ରଞ୍ଜନ ପୂଜାରୀ**
କୁଳସଚିବ
*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*

© OSOU, 2020.”**Nabachetana Odia Sahitya**’ is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ : ସବୁଜ କବିତାର ଧାରା

**ବିଷୟ ଗଠନ :**


୧.୧ ପଠନର ଉଦ୍ଦେଶ୍ୟ

୧.୨ ଶିକ୍ଷଣୀୟ ବିଷୟ

୧.୩ ବିଷୟ ପ୍ରବେଶ

୧.୪ ସବୁଜ କବିତାର ପୃଷ୍ଠଭୂମି ଓ ବିଭିନ୍ନ ଦିଗ

୧.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧.୬ ସହାୟକ ଗ୍ରନ୍ଥସୂଚୀ


## ୧.୧ ପଠନର ଉଦ୍ଦେଶ୍ୟ

ଓଡ଼ିଶା ସାହିତ୍ୟର ବିକାଶଧାରାରେ ସବୁଜ ଯୁଗ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ କାଳ। ସତ୍ୟବାଦୀ ଯୁଗର ପରବର୍ତ୍ତୀ କାଳରେ ଏହି ଯୁଗ ବିକଶିତ ହୋଇଥିଲା। ସୀମିତ ସମୟ ସୀମା ମଧ୍ୟ ରେ ଏହି ଯୁଗର ବିକାଶ ସାଧିତ ହୋଇଥିଲେ ହେଁ, ଏହି ମସୟରେ ରଚିତ ବିକାଶ ସାଧିତ ହୋଇଥିଲେ ହେଁ, ଏହି ସମୟରେ ରଚିତ କବତାଗୁଡ଼ିକ ଅତ୍ୟନ୍ତ ବୈଚିତ୍ର୍ୟପୂର୍ଣ୍ଣ। ମୂଳତଃ, ଏହି ଯୁଗର କବି ବୈକୁଣ୍ଠନାଥ ପଟ୍ଟନାୟକ, ଅନ୍ନଦାଶଙ୍କର ରାୟ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ହରିହର ମହାପାତ୍ର, ଶରତଚନ୍ଦ୍ର ମୁଖାର୍ଜୀ ପ୍ରମୁଖ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ପ୍ରଭାବରେ ଆସି ରୋମାଣ୍ଟିକ୍ ଚେତନାକୁ ଗ୍ରହଣ ପୂର୍ବକ କବିତା ରଚନାର ଅୟମାରମ୍ଭ କରିଥିଲେ। ପରବର୍ତ୍ତୀ କାଳରେ ସେମାନଙ୍କ କାବ୍ୟସ୍ୱରର ପରିବର୍ତ୍ତନ ଘଟିଥିଲେ। ମାନବବାଦ, ବାସ୍ତବବାଦ, ସାମାଜିକତା, ସମ୍ବେଦନଶୀଳତା, ରହସ୍ୟବାଦ, ଆଧିଭୌତିକ ଚେତନା ଇତ୍ୟାଦିକୁ ଉପଜୀବ୍ୟ କରି କବିତା ରଚନା କରିଥିଲେ। ‘ସାମ୍ୟବାଦୀ’ ଚେତନାର ସ୍ୱର ମଧ୍ୟ  ଏହି ଯୁଗର କବିମାନଙ୍କ କବିତାରେ ଉପଲବ୍ଧ ହୋଇଥାଏ। ଉକ୍ତ ବୈଚିତ୍ର୍ୟ ଥିବା ଯୋଗୁଁ ଏହି ସମୟଖଣ୍ଡ ଓଡ଼ିଶା ସାହିତ୍ୟରେ ନୂତନ ଯୁଗର ସମ୍ଭାବନା ବହନ କରିଥାଏ। ତେଣୁ, ଏହି ଯୁଗ ସମ୍ପର୍କରେ ବ୍ୟାପକ ଓ ବିସ୍ତୃତ ଭାବେ ପଠନର ଏକାନ୍ତ ଆବଶ୍ୟକତା ରହିଅଛି।

## ୧.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀମାନେ ନିମ୍ନଲିଖିତ ଜ୍ଞାନ ଆହରଣ କରିପାରିବେ :

- ସବୁଜ କବିତାର ପୃଷ୍ଠଭୂମି
- ସବୁଜ କବିମାନଙ୍କ ପରିଚୟ
- ସବୁଜ କବିତାର ଆତ୍ମୀକ ଦିଗ
- ସବୁଜ କବତାର ଆଙ୍ଗିକ ଦିଗ

## ୧.୩ ବିଷୟ ପ୍ରବେଶ

ପରମ୍ପରା ପ୍ରତି ବିତୃଷ୍ଣା ଓ ବୀତସ୍ପୃହତା ଯୋଗୁଁ ଏକ ନୂତନ ଯୁଗ ସୃଷ୍ଟି ହୋଇଥାଏ। ଓଡ଼ିଶା ସାହିତ୍ୟରେ ମଧ୍ୟ ଏହିଭଳି ଭାବରେ ଭାବରେ ସାରଳାଯୁଗଠାରୁ ଆରମ୍ଭ କରି ସତ୍ୟବାଦୀ ଯୁଗ ପର୍ଯ୍ୟନ୍ତ ବିଭିନ୍ନ ଯୁଗର ସୂତ୍ରପାତ ଘଟିଛି। ସେହିଭଳି ସତ୍ୟବାଦୀ ଯୁଗର କବିତା ମଧ୍ୟ ରେ ନିହିତ ଉଗ୍ର ଜାତୀୟତାବାଦୀ ଚିନ୍ତାଧାରା ଓ ଶିବଜ୍ଞାନରେ ଦେଶସେବା ସବୁଜ କବିମାନଙ୍କ ଚେତନାକୁ ପ୍ରଭାବିତ କରିଥିଲା ଓ ନୂତନ ଚିନ୍ତାଧାରାର ଅପେକ୍ଷା କରୁଥିଲେ ତାଙ୍କ ହୃଦୟ। ସେହି କାଳରେ ବଙ୍ଗଳା ଓ ହିନ୍ଦୀ ସାହିତ୍ୟରେ ପରମ୍ପରା ପରିବର୍ତ୍ତିତ ହୋଇ ନୂତନ ଧାରାର କବିତା ସୃଷ୍ଟି ହୋଇଥିଲା। ଏହି ଯୁଗ ର କବିମାନେ ଉକ୍ତ କବିତା ଗୁଡ଼ିକ ଦ୍ୱାରା ପ୍ରଭାବିତ ହେବା ଯୋଗୁଁ ସ୍ୱତଃ ପାରମ୍ପରିକ କାବ୍ୟ ଚେତନା ପରିବର୍ତ୍ତିତ ହୋଇଥିଲା ଓ ଓଡ଼ିଆ ସାହିତ୍ୟରେ ସୃଷ୍ଟି ହୋଇଥିଲା। ନୂତନ କବିତାର ଧାରା ତାହା ହିଁ ସବୁଜ ଧାରା ଭାବେ ବିବେଚିତ ହୋଇଅଛି।

## ୧.୪ ସବୁଜ କବିତାର ପୃଷ୍ଠଭୂମି ଓ ବିଭିନ୍ନ ଦିଗ

ସତ୍ୟବାଦୀ ପରବର୍ତ୍ତୀ ଓଡ଼ିଆ କବିତାର ଧାରାରେ ପରିବର୍ତ୍ତନ ସାଧିତ ହୋଇ ସ୍ୱଳ୍ପକାଳ ସକାଶେ ଯେଉଁ ନୂତନ କାବ୍ୟାନ୍ଦୋଳନ ମୁଣ୍ଡ ଟେକି ଉଠିଥିଲା, ତାହା 'ସବୁଜ ସାହିତ୍ୟ' ବା 'ସବୁଜ କବିତା' ରୂପେ ଅଭିହିତ। ଏହି ସାହିତ୍ୟର ବ୍ୟାପ୍ତି ଅତି ସୀମିତ। ଏହି ଯୁଗର ସମୟ ସୀମା ହେଉଛି ୧୯୨୦ରୁ ୧୯୩୫ ମଧ୍ୟ ରେ। ସ୍ୱତନ୍ତ୍ର ଭାବେ ଏହି ଯୁଗର କବିମାନଙ୍କର ତଥାକଥିତ ସବୁଜ ମୂଲ୍ୟବୋଧ ଏହି ସମୟ ପର୍ଯ୍ୟନ୍ତ ସମ୍ପ୍ରସାରିତ ମାତ୍ର ପରିବର୍ତ୍ତୀ ବହୁକାଳ ପର୍ଯ୍ୟନ୍ତ ବିଚ୍ଛିନ୍ନ ଭାବରେ ଏହି ଯୁଗର କବିବୃନ୍ଦ ସ୍ୱକୀୟ ସାହିତ୍ୟ ସାଧନା କରିଛନ୍ତି। ଏହି ଯୁଗର ତରୁଣ କବିବୃନ୍ଦ ଆଇ.ଏ. ଶ୍ରେଣୀରେ ଅଧ୍ୟୟନ କରୁଥିବା ସମୟରେ ୧୯୨୧ ମସିହାରେ 'ନନ୍ ସେନ୍ସ କ୍ଲବ' ନାମକ ଏକ କ୍ଲବ୍‌ର ପ୍ରତିଷ୍ଠା କରିଥିଲେ। ସେହି କ୍ଲବ୍‌ର ଆଭିମୁଖ୍ୟ ଥିଲା। ପୁରାତନକୁ ପରିବର୍ତ୍ତନ କରି ନୂତନକୁ ସ୍ୱାଗତ। ସବୁଜ ପଞ୍ଚସଖା ବୈକୁଣ୍ଠ ନାଥ, କାଳିନ୍ଦୀ ଚରଣ, ଅନ୍ନଦାଶଙ୍କର, ହରିହର, ଶରତଚନ୍ଦ୍ର ପ୍ରମୁଖ ଥିଲେ ଏହି କ୍ଲବ୍‌ର ସଦସ୍ୟ। ଏହି କ୍ଲବ୍ ମାଧ୍ୟମରେ ହିଁ ସେମାନେ ନିଜକୁ 'ସବୁଜ' ଆଖ୍ୟା ପ୍ରଦାନ କରିଥିଲେ। ଏହି କ୍ଲବ୍ ଆନୁକୂଲ୍ୟରୁ 'ଯୁଗବୀଣା' ନାମକ ଏକ ପତ୍ରିକା ସମ୍ପାଦିତ ହୋଇଥିଲା। ପରବର୍ତ୍ତୀ ମସୟରେ ସେମାନେ ଆପଣାର ନାମର ପ୍ରଥମ ଅକ୍ଷର ଅନୁଯାୟୀ 'ଅବକାଶଃ' ପତ୍ରିକା ସମ୍ପାଦନା କରି ତନ୍ମଧ୍ୟରେ ସ୍ୱକୀୟ କବିତାଗୁଡ଼ିକ ପ୍ରକାଶ କଲେ।

ଏହି ସମୟ ଖଣ୍ଡରେ କବିମାନଙ୍କ ଭାବନା ଅନୁଯାୟୀ 'ସବୁଜ' ହେଉଛି ଯୁବକତ୍ୱର ପ୍ରତୀକ। ଉକ୍ତ କବିମାନେ ଗୋଟିଏ ଦିଗରେ ବିଶ୍ୱକବି ରବୀନ୍ଦ୍ର ନାଥଙ୍କଠାରୁ ଓ ଅନ୍ୟ ଦିଗରେ ଇଂରେଜୀ 'ଗ୍ରୀନ୍' ବା ରୋମାଣ୍ଟିକ୍ ଚେତନାଠାରୁ ସବୁଜ ଶବ୍ଦଟି ଗ୍ରହଣ କରିଛନ୍ତି ଓ ନିଜକୁ ସବୁଜ ଭାବରେ ପରିଚିତ କରିଛନ୍ତି। ଯୁବ ମନ ମଧ୍ୟ ରେ ନିହିତ ଉଦ୍ଦାମ ଯୌବନ ଶକ୍ତିର ସ୍ଫୁରଣ ଯେଉଁ ସାହିତ୍ୟରେ ପ୍ରକଟିତ ହୋଇଛି ତାହା ହିଁ 'ସବୁଜ ସାହିତ୍ୟ', ତେଣୁ, ଉକ୍ତ କବିମାନଙ୍କ କବିତାରେ ନିହିତ ଚେତନାକୁ ଉପଜୀବ୍ୟ କରି ଓଡ଼ିଶା ସାହିତ୍ୟର ଐତିହାସିକମାନେ ଏହି ପ୍ରକାର କବିତାରକୁ ସବୁଜ କବିତା ଓ ଏହି ଯଗୁକୁ ସବୁଜ ଯୁଗ ଭାବରେ ନାମିତ କରିଛନ୍ତି।

ଓଡ଼ିଆ ସାହିତ୍ୟରେ ସବୁଜ ସାହିତ୍ୟର ଧାରା ସୃଷ୍ଟି ହେବା ପୂର୍ବରୁ ସତ୍ୟବାଦୀ କାବ୍ୟାଦର୍ଶ ରହିଥିଲା। ସବୁଜ-ସାହିତ୍ୟ ସୃଷ୍ଟି ହେବା ସମୟରେ ମଧ୍ୟ କେତେ କାବ୍ୟ ଏହି ଧାରାର ବିଲୋପ ସାଧିତ ହୋଇ ନଥିଲା। ଉତ୍ତୁଙ୍ଗ ଦେଶାତ୍ମବୋଧକ ଚିନ୍ତାଧାରା, ତୀବ୍ର ସଂସ୍କାର ମନୋବୃତ୍ତି ଓ ଇତିହାସ ସଚେତନତା ଥିଲା। ସତ୍ୟବାଦୀ ସାହିତ୍ୟର ଆଦର୍ଶ ଉତ୍କଳ ମଣି ଗୋପବନ୍ଧୁଙ୍କ ଉଦାର ମାନବବାଦୀ ଚିନ୍ତାଧାରା ପଣ୍ଡିତ ନୀଳକଣ୍ଠଙ୍କ ଐତିହାସିକତାବୋଧ, ଗୋଦାବରୀଶଙ୍କ ଐତିହ୍ୟପ୍ରୀତି ଓଡ଼ିଶା ସାହିତ୍ୟରେ ନୂତନ ଚେତନାର ଜାଗ୍ରତ କରିଥିଲା। ଅନ୍ୟ ପକ୍ଷରେ ବିଶ୍ୱ-ସାହିତ୍ୟ ରାଜ୍ୟରେ ଏହି ସମୟ ଥିଲା ଏକ ବୈପ୍ଳବିକ ମୁହୂର୍ତ୍ତ। ପ୍ରଥମ ବିଶ୍ୱ ମହାଯୁଦ୍ଧର ପରିସମାପ୍ତି ପରେ ବିଶ୍ୱ ମୂଲ୍ୟବୋଧ ଜଗତରେ ନୂତନ ନୂତନ ଚିନ୍ତାଧାରାର ଆତ୍ମପ୍ରକାଶ କରୁଥିଲେ। ସମକାଳୀନ ଭାରତୀୟ ପ୍ରାନ୍ତୀୟ ସାହିତ୍ୟ ଗୁଡ଼ିକରେ ମଧ୍ୟ ଭିନ୍ନ ଭିନ୍ନ ରୀତି ଓ ମୂଲ୍ୟବୋଧର ନିଦର୍ଶନ ଦେଖାଯାଉଥିଲା। ବଙ୍ଗ-ସାହିତ୍ୟରେ ବିଶ୍ୱ କବି ରବୀନ୍ଦ୍ର ନାଥଙ୍କ ଯୁଗ 'କଲ୍ଲୋଳ ଯୁଗ' ଭାବରେ ପରିଚିତ ଥିଲା। ଏହି ଯୁଗର ମୁଖ୍ୟ ଲକ୍ଷ୍ୟ ଥିଲା ଏକ ଆଧ୍ୟାତ୍ମ୍ୟବାଦୀ ମାନବତା ଦ୍ୱାରା ପରିପ୍ଳୁତ ହୋଇ ଦେଶକୁ କୁସଂସ୍କାରରୁ ମୁକ୍ତ କରିବା। ସମସାମୟିକ ହିନ୍ଦୀ ସାହିତ୍ୟରେ ପ୍ରତିଷ୍ଠିତ ହୋଇଥିଲା 'ଛାୟାବାଦୀ ଯୁଗ'। ଭାରତୀୟ ପାରମ୍ପରିକ ରହସ୍ୟ ଚେତନା ଓ ଆଧୁନିକ ଜରାଜୀର୍ଣ୍ଣ ପୃଥିବୀରୁ ବିମୁକ୍ତି ସକାଶେ କବି ମନର ଉତ୍ତୁଙ୍ଗ ଅଭୀପ୍ସା ଥିଲା। ଏହି ଯୁଗର ବୈଶିଷ୍ଟ୍ୟ କବୟିତ୍ରୀ ମହାଦେବୀ ବର୍ମାଙ୍କ କବିତା ଗୁଡ଼ିକରେ ଏହି ଦର୍ଶନ ପ୍ରତିଫଳିତ ହୋଇ ହିନ୍ଦୀ ସାହିତ୍ୟକୁ ବେଶ୍ ଆଦୃତ କରିଥିଲା। ତେଣୁ, କେତେକ ଯେ ରବୀନ୍ଦ୍ର ପ୍ରଭାବିତ ବଙ୍ଗୀୟ ଶୈଳୀ ଦ୍ୱାରା ଆକୃଷ୍ଟ ହୋଇ ଓଡ଼ିଶା ସବୁଜ କବିବୃନ୍ଦ ସ୍ୱକୀୟ ସାହିତ୍ୟ ଚେତନାକୁ ପରିପୁଷ୍ଟ କରିଥିଲେ ତା ନୁହେଁ, ବରଂ ସମକାଳୀନ ସମଗ୍ର ବିଶ୍ୱ ସାହିତ୍ୟିକ ଧାରା ଏହି କବିମାନଙ୍କ ଚେତନାରେ କାବ୍ୟିକ ଅନୁପ୍ରେରଣା ସୃଷ୍ଟି କରିଥିଲା। ତେଣୁ, ସମୟ ଓ ପରିମାଣ ସ୍ୱଳ୍ପ ହେଲେ ମଧ୍ୟ ଓଡ଼ିଆ ସବୁଜ କବିତାରେ ଗୋଟିଏ ସ୍ୱତନ୍ତ୍ର ଯୁଗ ଉପାଦାନ ଦେଖାଯାଇଥାଏ ତାକୁ ଅସ୍ୱୀକାର କରି ହେବନାହିଁ।

## ସବୁଜ କବିମାନଙ୍କ ପରିଚୟ :

ବିଂଶ ଶତାବ୍ଦୀର ଆଦି ପର୍ଯ୍ୟାୟରେ ଜନ୍ମ ଗ୍ରହଣ କରିଥିବା ସବୁଜ କବିବୃନ୍ଦ ପାରମ୍ପରିକ ଓଡ଼ିଆ କାବ୍ୟ ଚେତନାକୁ ପରିବର୍ତ୍ତନ କରି ସ୍ୱତନ୍ତ୍ର କବିତା ଧାରାର ଶୁଭାରମ୍ଭ କରିଥିଲେ। ନିମ୍ନରେ ଏହି କବିମାନଙ୍କ ସାଧାରନ ପରିଚୟ ପ୍ରଦାନ କରାଯାଉଛି।

## କାଳିନ୍ଦୀଚରଣ ପାଣିଗ୍ରାହୀ - (୧୯୦୧-୯୧) :

କାଳିନ୍ଦୀଚରଣ ପାଣିଗ୍ରାହୀ ସବୁଜ ଯୁଗର ଉଦ୍‌ଗାତା। ସେ କବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ ପ୍ରତିଟି ବିଭାବରେ ଲେଖନୀ ଚାଳନା କରି ଯଶସ୍ୱୀ ହୋଇପାରିଛନ୍ତି। ମହାବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିବା ସମୟରୁ ହିଁ ତାଙ୍କ ଭିତରେ ସାରସ୍ୱତ ପ୍ରତିଭାର ବିକାଶ ସାଧିତ ହୋଇଥିଲା। ସେ ତାଙ୍କ ପ୍ରତିଭାର ଆଦ୍ୟ କାଳରେ ପ୍ରେମ ଓ ପ୍ରଣୟକୁ ଭିତ୍ତିକରି କବିତା ରଚନା କରୁଥିଲେ। ପରବର୍ତ୍ତୀ କାଳରେ ତାଙ୍କ ସାହିତ୍ୟିକ ସ୍ୱର ପରିବର୍ତ୍ତିତ ହୋଇଥିଲା। ସେ ମଣିଷ ଜୀବନର ବହୁମୁଖୀ ଦିଗକୁ ଉପଜୀବ୍ୟ କରି ସାହିତ୍ୟ ରଚନାରେ ବ୍ରତୀ ହୋଇଥିଲେ। ତାଙ୍କଦ୍ୱାରା ରଚିତ କବିତା ଗୁଡ଼ିକ 'ଛୁରିଟିଏ ଲୋଡ଼ା', 'ମନେନାହିଁ', 'କ୍ଷଣିକ ସତ୍ୟ', 'ମହାଦୀପ', ଇତ୍ୟାଦି ସଙ୍କଳନ ମଧ୍ୟ ରେ ସନ୍ନିବଦ୍ଧ ହୋଇଅଛି। ତାଙ୍କଦ୍ୱାରା ରଚିତ 'ମାଟିର ମଣିଷ', 'ଲୁହାର ମଣିଷ', 'ଆଜିର

ମଣିଷ', 'ଅମର ଚିତା', ଓ 'ମୁକ୍ତାଗଡ଼ର କ୍ଷୁଧା' ଇତ୍ୟାଦି ଉପନ୍ୟାସ ଓଡ଼ିଆ ପାଟକମଣ୍ଡଳୀ ଦ୍ୱାରା ବହୁଳ ଭାବରେ ଆଦୃତ। ସାଧାରଣତଃ ଓଡ଼ିଆ ଜନ-ଜୀବନର ନିଚ୍ଛକ୍ ବିଷୟ ଗୁଡ଼ିକୁ ଆହରଣ କରି ଶ୍ରୀଯୁକ୍ତ ପାଣିଗ୍ରାହୀ ଉକ୍ତ ଉପନ୍ୟାସ ଗୁଡ଼ିକ ରଚନା କରିଛନ୍ତି। ଏହି ଉପନ୍ୟାସଗୁଡ଼ିକ ମଧ୍ୟ ଗୁଉଚ୍ଛାଙ୍ଗ ଆଦର୍ଶ ସମ୍ମିଳିତ 'ମାଟିର ମଣିଷ' ବହୁ ଜନପ୍ରିୟତା ହାସଲ କରିଅଛି। ସେ ଗଳ୍ପ ରଚନା କ୍ଷେତ୍ରରେ ମଧ୍ୟ  ବେଶ୍ କୃତିତ୍ୱର ଅଧିକାରୀ। 'ସାଗରିକା', 'ଦ୍ୱାଦଶୀ', 'ରାଶିଫଳ', 'ଶେଷରଶ୍ମି' ଓ 'ମୋ କଥାଟି ସରିନାହିଁ' ତାଙ୍କ ଦ୍ୱାରା ରଚିତ ଗଳ୍ପ ଗୁଡ଼ିକର ସଫଳ ସମାହାର। ଓଡ଼ିଶାର ବିଭିନ୍ନ ମଣିଷଙ୍କ ଜୀବନ ଓ ଜୀବିବିଷାର ଅସଂଖ୍ୟ ରୂପେ ତାଙ୍କ ଉକ୍ତ ଗଳ୍ପଗୁଡ଼ିକ ମଧ୍ୟ ରେ ଅନୁଭୂତି ହୋଇଥାଏ। ତାଙ୍କ ଦ୍ୱାରା ରଚିତ 'ସୌମ୍ୟା', 'ପଦ୍ମିନୀ', 'ପ୍ରିୟଦର୍ଶୀ' ଇତ୍ୟାଦି ନାଟକ ତାଙ୍କ ପ୍ରତିଭାର ଅପୂର୍ବ ପରିଚୟ ପ୍ରଦାନ କରିଥାଏ।

### ଶରତ୍ ଚନ୍ଦ୍ର ମୁଖାର୍ଜୀ (୧୯୦୨-୮୭) :

ସବୁଜ ସାହିତ୍ୟର ଅନ୍ୟତମ ସାରଥୀ ହେଉଛନ୍ତି ଶରତ ଚନ୍ଦ୍ର ମୁଖାର୍ଜୀ। ସେ ଏହି କାଳର ଅନ୍ୟାନ୍ୟ କବିଙ୍କ ଭଳି ଯୁଗର ବୈଶିଷ୍ଟ୍ୟକୁ ଅବଲମ୍ବନ କରି କବିତା ରଚନା କରିଛନ୍ତି। 'ସବୁଜ କବିତା' ମଧ୍ୟ ରେ ସଂକଳିତ ହୋଇଥିବା ତାଙ୍କର ଆଠ ଗୋଟି କବିତା ଏହାର ଉଜ୍ଜ୍ୱଳ ଦୃଷ୍ଟାନ୍ତ। ଏହି କାଳରେ ପ୍ରକାଶିତ ହୋଇଥିବା 'ବାସନ୍ତୀ' ଉପନ୍ୟାସରେ ସେ ଋରୋଟି ପରିଚ୍ଛଦ ରଚନା କରି ଆପଣାର ଗଦ୍ୟ ରଚନା ଦକ୍ଷତାର ମଧ୍ୟ ପ୍ରମାଣ ଦେଇଛନ୍ତି। ଏତଦ୍‌ବ୍ୟତୀତ ସେ ଜଣେ ଇଂରେଜୀ ଲେଖକ ମଧ୍ୟ ଥିଲେ। ଓଡ଼ିଶାର କଳା, ଭାସ୍କର୍ଯ୍ୟ ଉପରେ ତାଙ୍କ କେତେକ ଇଂରେଜୀ ଲେଖା ଦୃଷ୍ଟିଗୋଚର ହୋଇଥାଏ। ତାଙ୍କ ରଚିତ କବିତାଗୁଡ଼ିକ 'ପଞ୍ଚପୁଷ୍ପ' କବିତା ସଙ୍କଳନରେ ସଙ୍କଳିତ ହୋଇଅଛି।

### ଅନ୍ନଦାଶଙ୍କର ରାୟ (୧୯୦୪-୨୦୦୨) :

ସବୁଜ ସାହିତ୍ୟର ଅନ୍ୟତମ ଉଦ୍‌ଗାତା ହେଉଛନ୍ତି ଅନ୍ନଦାଶଙ୍କରେ ରାୟ। ସେ ମଧ୍ୟ  ସବୁଜ କବିତା ବୈଶିଷ୍ଟ୍ୟକୁ ଅବଲମ୍ବନ ପୂର୍ବକ ସ୍ୱକୀୟ କବିତା ଗୁଡ଼ିକ ରଚନା କରିଛନ୍ତି। 'ସବୁଜ କବିତା' ସଙ୍କଳନରେ ସଙ୍କଳିତ ତାଙ୍କ ସାତୋଟି କବିତା ତାଙ୍କ କାବ୍ୟାବେଶର ଅପୂର୍ବ ପରିଚୟ ପ୍ରଦାନ କରିଥାଏ। ସବୁଜ ସାହିତ୍ୟିକମାନଙ୍କ ଦ୍ୱାରା ପ୍ରକାଶତି 'ଅବକାଶ' ପତ୍ରିକାର ସେ ଥିଲେ ସୁଯୋଗ୍ୟ ସମ୍ପାଦକ। ସେ ଅନେକ ଗଦ୍ୟ ମଧ୍ୟ ରଚନା କରିଛନ୍ତି ମାତ୍ର ତାହା ଶ୍ରୀ ସବୁଜ, ହରିତ ଓ ଆଲୋକ ଛଦ୍ମନାମରେ ପ୍ରକାଶିତ ହୋଇଅଛି। 'ବାସନ୍ତୀ' ଉପନ୍ୟାସରେ ସେ ତିନୋଟି ପରିଚ୍ଛଦ ରଚନା କରିଛନ୍ତି। ତାଙ୍କ କବିତା ଗୁଡ଼ିକରେ ନିହିତ ଆବେଗ ପ୍ରବଣତା, ସାଙ୍ଗୀତିକ ବିନ୍ୟାସ, ଭାବନାର ତରଳତା, ଛାନ୍ଦସିକତା ଇତ୍ୟାଦି ଗୁଣ ବହୁ ଜନପ୍ରିୟାତ ହାସଲ କରିଅଛି।

### ବୈକୁଣ୍ଠନାଥ ପଟ୍ଟନାୟକ (୧୯୦୪-୭୯) :

ସବୁଜ ସାହିତ୍ୟର ପଟ୍ଟନାୟକ। ତାଙ୍କ ଦ୍ୱାରା ରଚିତ କବିତା ଗୁଡ଼ିକର ଭାବ ଅତ୍ୟନ୍ତ ବୈଚିତ୍ର୍ୟପୂର୍ଣ୍ଣ। ଆଜି ଯୁବକ ବୟସରେ ସେ ରୋମାଣ୍ଟିକ୍ ଚେତନାକୁ ଭିତ୍ତି କରି ତାଙ୍କ କବିତାଗୁଡ଼ିକ ରଚନା କରିଛନ୍ତି ତେଣୁ, ତହିଁରେ ପ୍ରେମ ପ୍ରବଣତା, ପ୍ରେମ ଭିତ୍ତିକ ଚିତ୍ରବୋଧ, ପଳାୟନବାଦୀତା, ଇତ୍ୟାଦି ବୈଶିଷ୍ଟ୍ୟ ଦେଖାଯାଇଥାଏ। ମାତ୍ର

ଉତ୍ତର କାଳରେ ସେ ବାସ୍ତବବାଦ, ଆଦର୍ଶବୋଧ, ରହସ୍ୟବାଦୀ ଚିନ୍ତାଧାରା ଇତ୍ୟାଦି ଉପଜୀବ୍ୟ କରି କବିତା ରଚନା କରିଥିଲେ । ତାଙ୍କ ରଚିତ କବିତାଗୁଡ଼ିକ 'କାବ୍ୟ ସଞ୍ଚୟନ' ଓ 'ଉତ୍ତରାୟଣ' କବିତା ସଙ୍କଳନ ମଧ୍ୟ ରେ ସ୍ଥାନିତ ହୋଇଅଛି । ସେ 'ମୁକ୍ତିପଥେ' ନାଟକ ଓ 'ଉପେକ୍ଷିତା' ଏକାଙ୍କିକା ସୃଷ୍ଟି କରି ଆପଣାର ନାଟ୍ୟ ପ୍ରତିଭାର ମଧ୍ୟ ପରିଚୟ ପ୍ରଦାନ କରିଛନ୍ତି ।

## ହରିହର ମହାପାତ୍ର (୧୯୦୪-୯୪) :

ସବୁଜ ସାହିତ୍ୟର ଅନ୍ୟତମ ସାହିତ୍ୟ ରଥୀ ହେଉଛନ୍ତି ହରିହର ମହାପାତ୍ର । ସେ ମଧ୍ୟ ଯୁଗୀୟ ବୈଶିଷ୍ଟ୍ୟକୁ ଅନୁସରଣ କରି ସାହିତ୍ୟ ସୃଷ୍ଟିରେ ମନୋନିବେଶ କରିଥିଲେ । 'ସବୁଜ କବିତା' ସଙ୍କଳନରେ ତାଙ୍କଦ୍ୱାରା ରଚିତ ସାତୋଟି କବିତା ସଙ୍କଳିତ ହୋଇଅଛି । ସେ 'ବାସନ୍ତୀ' ଉପନ୍ୟାସର ଦୁଇଟି ପରିଚ୍ଛେଦ ରଚନା କରିଛନ୍ତି । ସବୁଜ କବିମାନଙ୍କ ମୁଖପତ୍ର 'ଯୁଗବାଣୀ'ର ସେ ଥିଲେ ସମ୍ପାଦକ । ପ୍ରଜାତନ୍ତ୍ର ପ୍ରଚାର ସମିତି ଦ୍ୱାରା ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା 'ଝଙ୍କାର'ର ମଧ୍ୟ ସେ କିଛିକାଳ ସମ୍ପାଦନା କରିଥିଲେ ।

## ସବୁଜ କବିତାର ଆତ୍ମିକ ଦିଗ :

ସବୁଜ କବିବୃନ୍ଦ ଓଡ଼ିଆ ସାହିତ୍ୟରୁ ସତ୍ୟବାଦୀ କାବ୍ୟଧାରାକୁ ପରିବର୍ତ୍ତନ ଓ ପରିବର୍ଦ୍ଧନ ପୂର୍ବକ ନୂତନ ଧାରାରେ ସ୍ୱକୀୟ କବିତାଗୁଡ଼ିକ ରଚନା କରିଥିଲେ । ବସ୍ତୁତଃ, ବିଶ୍ୱ କବି ରବୀନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ପ୍ରଭାବିତ ହୋଇ ସାହିତ୍ୟ ସାଧନା କରୁଥିବା ହେତୁ ସେମାନେ ଭିନ୍ନ ରୀତିରେ କବିତା ରଚନା ପାଇଁ ଯତ୍ନଶୀଳ ହୋଇଥିଲେ । ତେବେ, ସେମାନଙ୍କ କବିତାରେ କେଉଁ କେଉଁ ନିର୍ଦ୍ଦିଷ୍ଟ ଆତ୍ମିକ ଦିଗ ଅନୁଭୂତ ହୋଇ ଥାଏ, ତାକୁ ନିମ୍ନରେ ଆଲୋଚନା କରାଯାଉଅଛି ।

## ରୋମାଣ୍ଟିକ୍ କାବ୍ୟାଦର୍ଶ :

ସବୁଜ କବିମାନଙ୍କ କବିତାର ପ୍ରଧାନ ଆତ୍ମିକ ଦିଗ ହେଉଛି ରୋମାଣ୍ଟିକ୍ କାବ୍ୟାଦର୍ଶ । ଏତଦ୍ ପୂର୍ବରୁ ସମଗ୍ର ବିଶ୍ୱ କବିତା ରାଜ୍ୟରେ ଯେଉଁ ରୋମାଣ୍ଟିକ୍ କାବ୍ୟ ଚେତନାକୁ ଗ୍ରହଣ ପୂର୍ବକ କବିତା ରଚନା କରାଯାଉଥିଲା, ସବୁଜ କବିମାନେ ତାକୁ ହିଁ ଉପଜୀବ୍ୟ କରି କବିତା ରଚନା କରିବାର ପ୍ରୟାସ କରିଛନ୍ତି । ବସ୍ତୁତଃ, ପଳାୟନ ପନ୍ଥୀ ଚିନ୍ତାଧାରା (Escapism), ପ୍ରେମ ଜନିତ ବିଷାଦବୋଧ (Melacholy), ଯୌବନ ପ୍ରୀତି ଓ ବାର୍ଦ୍ଧକ୍ୟ ରୀତି, ପ୍ରକୃତ ପ୍ରୀତି ଓ ଆତ୍ମ ନିମଜ୍ଜମାନତା ଇତ୍ୟାଦି ରୋମାଣ୍ଟିକ୍ କବିତାର ବୈଶିଷ୍ଟ୍ୟ ଭାବରେ ଗ୍ରହଣ କରାଯାଇଥାଏ । ଓଡ଼ିଆ ସବୁଜ କବିମାନେ ସ୍ୱକୀୟ କବିତା ଗୁଡ଼ିକରେ ଏହି ଚିନ୍ତାଧାରାର ସାର୍ଥକ ପ୍ରୟୋଗ କରିଛନ୍ତି ।

କବି ଅନ୍ନଦାଶଙ୍କ 'ସୃଜନ ସ୍ୱପ୍ନ' କବିତା କବି ବାସ୍ତବତାରେ ଶ୍ୱାସରୁଦ୍ଧ ହୋଇ ଏକ ମଧୁମୟ ଇଲାକାର ପଳାୟନ କରିବା ପାଇଁ ତାଙ୍କ ପ୍ରିୟାକୁ ମଧୁର ଆମନ୍ତ୍ରଣ କରିଅଛି ।

"ଋଳ ସେ ଲୋକେ ଯିବା ଗୋ ପ୍ରିୟେ
ଏ ମର ମରୁ ସହିତ କିଏ ?
ମରୀଚି ମୟ ଭବ ଏ
ନିରମି ନୀଡ଼ରେ ଅମରାରେ
ନିତ୍ୟ ନବ ସୁଖାଭିସାରେ
ଯାପିବା ଦିନ ଉଭୟେ ।"

କବି ବୈକୁଣ୍ଠ ନାଥଙ୍କ 'ମୃତଦେଶେ', କାଳିନ୍ଦୀଚରଣଙ୍କର 'ଫଗୁଣ ବଂଶୀ' ଇତ୍ୟାଦି କବିତାରେ ମଧ୍ୟ ଏହି ଭାବନାର ପରିପ୍ରକାଶ ଘଟିଅଛି ।

କାବ୍ୟଶିଳ୍ପୀ ବୈକୁଣ୍ଠନାଥଙ୍କ 'ଯୌବନ ପୂଜା' କବିତାରେ ଯୌବନ ପ୍ରୀତି ଓ ବାର୍ଦ୍ଧକ୍ୟ ରିତିର ପରିଚୟ ମିଳିଥାଏ । କବି ଏହି କବିତାରେ ଉଲ୍ଲେଖ କରିଛନ୍ତି ଯେ ଶରୀର ଭିତରେ ବାର୍ଦ୍ଧକ୍ୟରେ ସଞ୍ଚାର ଦେଖି ଦେବତା ମଧ୍ୟ କ୍ରନ୍ଦନ କରିଉଠନ୍ତି ତେଣୁ, ସେ ମଧ୍ୟ ଚିରନ୍ତନ ଯୌବନର କାମନା କରିଛନ୍ତି-

"ନିରେଖି ଜରା ପରାଣେ ପରା
ଦେବତା କରେ କ୍ରନ୍ଦନ
ଶ୍ୟାମଳ କର ନବୀନ କର
ଅମର ନବ ଯୌବନ ।"

କବି କାଳିନ୍ଦୀଚରଣଙ୍କ 'ମଧୁବିବାହ', ଅନ୍ନଦାଶଙ୍କର 'ଯଉବନ ଥରେ ଗଲେ ଆଉ ଆସେନା' ଇତ୍ୟାଦି କବିତାରେ ମଧ୍ୟ ଏହି ଭାବନାର ପରିପ୍ରକାଶ ଘଟିଅଛି ।

ସବୁଜ ଯୁଗର ଅନ୍ୟତମ ସାରଥୀ ହରିହର ମହାନ୍ତିଙ୍କ 'ମୁଁ' କବିତାରେ ପ୍ରକୃତ ସହିତ କବି ହୃଦୟର ଆତ୍ମ ସଂଲଗ୍ନତା ଭାବ ଅତି ଚମତ୍କାର ଭାବେ ରୂପଲାଭ କରିଅଛି । ପ୍ରକୃତିର ଅନବଦ୍ୟ ରୂପମାଧୁରୀ ଭିତରେ କବିତା ଆତ୍ମଲୀନ ଭାବ ଏହି ପରିଲକ୍ଷିତ ହୋଇଥାଏ । କବିଙ୍କ ଭାଷାରେ:-

"କୋକିଳର ତାଳେ ନିର୍ଝରିଣୀ ଗାନେ
ପବନ ହିଲ୍ଲୋଳେ, ଯୂଇ ଗନ୍ଧ କୋଳେ
ଭାସିଯାଏ ନିତି ଗାଇ ମୋ ଅନ୍ତର ସତ୍ୟ
ପ୍ରଳୟଟି ମିଛ, ସୃଜନ ସୁନ୍ଦର ନିତ୍ୟ ।"

କବି ବୈକୁଣ୍ଠ ନାଥଙ୍କ 'ରୂପକଥା' ଅନ୍ନଦାଶଙ୍କର 'ସୃଜନ ସ୍ୱପ୍ନ' କାଳିନ୍ଦୀ ଚରଣଙ୍କ 'ଲୋହିତ ବ୍ୟଥା' ଇତ୍ୟାଦି କବିତାରେ ମଧ୍ୟ ଏହି ଭାବର ଅନୁଶରଣ ଘଟିଅଛି ।

କାବ୍ୟଶିଳ୍ପୀ ଅନ୍ନଦାଶଙ୍କର 'ମାନସୀ ଓ ମୁଁ' କବିତାରେ କବି ହୃଦୟର ଆତ୍ମ ନିମଜ୍ଜମାନତା, ଯାହାକି ରୋମାଣ୍ଟିକ୍ କବିତାର ଏକ ବୈଶିଷ୍ଟ୍ୟ ଅତି ଚମତ୍କାର ଭାବେ ରୂପ ଲାଭ କରିଅଛି। ଏହି କବତାରେ ଯୌବନର ସ୍ପର୍ଶ କିଭଳି ତାଙ୍କୁ ମତୁଆଲା କରି ଦେଇଛି, ତାକୁ ବର୍ଣ୍ଣନା କରିଛନ୍ତି –

"ସହସା ଯଉବନେ ବାଜିଲା ପ୍ରାଣେ ମନେ
ତାହାରି ବରଲୀନା ବୀଣାଟି ସୁମଧୁର।"

କବି କାଳିନ୍ଦୀ ଚରଣଙ୍କ 'ଲୋହିତ ବ୍ୟଥା' ବୈକୁଣ୍ଠ ନାଥଙ୍କ 'ପ୍ରଭାତ ସ୍ୱପ୍ନ' ଇତ୍ୟାଦି କବିତାରେ ମଧ୍ୟ ଏହି ଭାବନାର ଚରମ ପରିପ୍ରକାଶ ଘଟିଅଛି।

ସୁତରାଂ, ସବୁଜ ଯୁଗର କବିବୃନ୍ଦ ଥିଲେ ପ୍ରକୃତ ପକ୍ଷରେ ରୋମାଣ୍ଟିକ୍ କବି। ବିଶ୍ୱ କବିତା ରାଜ୍ୟରେ ୱାର୍ଡସୱାର୍ଥ, କୀଟ୍‌ସ, ଶେଲୀ, ବାଇରନ୍ ପ୍ରମୁଖଙ୍କ ଚିନ୍ତାଧାରା ଅନୁବର୍ତ୍ତନରେ କବିତା ରଚନା ପୂର୍ବକ ଏହି କବିବୃନ୍ଦ କବିତା ରଚନା କରିଛନ୍ତି। ତେଣୁ, ତାଙ୍କ କବିତାଗୁଡ଼ିକ ସମକାଳର ଓଡ଼ିଆ କବିତାରେ ଭିନ୍ନ ସ୍ୱାଦ ସୃଷ୍ଟି କରିଅଛି।

## ଗୀତ ଧର୍ମିତା :

ସବୁଜ କବିତାରେ ଅନ୍ୟତମ ଉଲ୍ଲେଖନୀୟ ଆତ୍ମିକ ଦିଗ ହେଉଛି 'ଗୀତ ଧର୍ମିତା'। ବସ୍ତୁତଃ, ସେମାନେ ଯାହା ରଚନା କରିଛନ୍ତି ସବୁ ହେଉଛି 'ଗୀତକବିତା' ୱାର୍ଡସୱାର୍ଥଙ୍କ ଭାଷାରେ କହିଲେ କବିତା ହେଉଛି "କବି ହୃଦୟର ସ୍ୱତଃସ୍ଫୁର୍ତ୍ତ ଅଭିବ୍ୟକ୍ତି।" ଏକ ନିର୍ଦ୍ଦିଷ୍ଟ ଭାବ ପ୍ରବଣତାକୁ ଉକ୍ତ କବିବୃନ୍ଦ ଶବ୍ଦ ମଧ୍ୟ ରେ ସଜ୍ଜିତ କରି ପ୍ରକାଶ କରିଥିବା ହେତୁ ତନ୍ମଧ୍ୟରେ ଗୀତ କବିତାର ମଧୁର ଝଙ୍କାର ଶୁଣାଯାଇଥାଏ। ଗୀତ କବିତାର କେତେକ ମୁଖ୍ୟ ସ୍ୱରୂପ ହେଉଛି ବ୍ୟକ୍ତି କୈନ୍ଦ୍ରିକତା, ଭାବ ପ୍ରବଣତା ସାଙ୍ଗୀତିକତା ଇତ୍ୟାଦି। ସବୁଜ କବିମାନଙ୍କର କବିତାର ଏହି ସ୍ୱରୂପ ଗୁଡ଼ିକର ଚମତ୍କାର ପରିପ୍ରକାଶ ଘଟିଅଛି।

କାବ୍ୟଶିଳ୍ପୀ ଅନ୍ନଦାଶଙ୍କର 'ପ୍ରଳୟରେ' କବିତାରେ କବି ଉପଲବ୍ଧି କରିଛନ୍ତି ଯେ, ଆଧୁନିକ କବି ସମସ୍ତ ପ୍ରକାରେ ନୈତିକତା ମଧ୍ୟ ରେ ଶବରୁଦ୍ଧି ହୋଇପଡ଼ିଛି। ତହିଁରୁ ମାନବାତ୍ମାର ମୁକ୍ତି ଆବଶ୍ୟକ। ତେଣୁ, ବ୍ୟକ୍ତଗତ ଭାବେ ଆଶାବାଦୀ ହୋଇ ଗାଇ ଉଠିଛନ୍ତି –

"ଏହି ଉଷ୍ମ ଅବଶୋଷ
ଉପରେ ମୁଁ ରଚିବି ନନ୍ଦନ
ମର୍ତ୍ତ୍ୟରେ ଅମରାବତୀ
ଜଡ଼ ଦେହେ ଜୀବନ-ସ୍ପନ୍ଦନ।"

କବି ବୈକୁଣ୍ଠନାଥଙ୍କ 'ସମାଧି ସ୍ମୃତି', 'ନବବର୍ଷା' କାଳିନ୍ଦୀଚରଣଙ୍କ 'ସନ୍ଧ୍ୟାଲୋକେ', 'ସାଧନା' ଇତ୍ୟାଦି କବିତାରେ ଏହି ବ୍ୟକ୍ତି କୈନ୍ଦ୍ରିକତାର ସାର୍ଥକ ପ୍ରୟୋଗ ଘଟିଛି।

କବି ବୈକୁଣ୍ଠନାଥ ସ୍ୱକୀୟ 'ପ୍ରଭାତ ସ୍ୱପ୍ନ' କବିତାରେ ପ୍ରେମ ସଜଳ ନୟନ ଦୁଇଟିର ସ୍ମୃତିରେ ଭାବଗ୍ରାହୀ ହୋଇ ଉଠିଛନ୍ତି । ଅତୀତର ଦୁଇଟି ନୀଳ ଆଖିର ସଂସ୍ପର୍ଶରେ ଆସି ଯେପରି ତାଙ୍କର ହୃଦୟ ପ୍ରେମ - ବିଦଗ୍ଧ ହୋଇ ଉଠିଥିଲା, ସେହିପରି ସେହି ସ୍ମୃତି ତାଙ୍କ ଚେତନାକୁ ବିଦ୍ଧ କରିଅଛି । କବିଙ୍କ ଭାଷାରେ -

"ଭାଦର ମେଘର ରଞ୍ଜିତ ରାଗ
କିଏ ଗୋ ପରାଣେ ଯାଏ ମାଖି
ଦୂର ପରବାସେ ବିରହ ମାଧୁରୀ
ବନ୍ଧୁ ସଜଳ ନୀଳ ଆଖି ।"

କବି ଅନ୍ନଦାଶଙ୍କରଙ୍କ 'ପ୍ରଳୟ ପ୍ରେରଣା', କବି କାଳିନ୍ଦୀଚରଣଙ୍କ 'ପ୍ରଭାତ ଗୀତର ଗୌରବ' ଇତ୍ୟାଦି କବିରତାରେ ମଧ୍ୟ ଭାବପ୍ରବଣତାର ସାର୍ଥକ ପରିଚୟ ମିଳିଥାଏ ।

ସବୁଜ କବିମାନଙ୍କର କବିତାର ସ୍ୱର ହେଉଛି ସାଙ୍ଗୀତିକ ସ୍ୱର । ଆବୃତ୍ତି ଓ ଗାୟନ ଉଭୟ କ୍ଷେତ୍ରରେ ଏହା ପାଠକ ହୃଦୟକୁ ଦ୍ରବୀଭୂତ କରିବାର ଶକ୍ତି ଲାଭ କରିଅଛି । କବି ଅନ୍ନଦାଶଙ୍କରଙ୍କ 'ସୃଜନ ସ୍ୱାର୍ଥ' କବିତାରୁ ଏହାର ନିଦର୍ଶନ ଗ୍ରହଣ କରାଯାଇପାରେ -

"ଶୁଣିବ ଯଦି ଶୁଣ ମୋ ରାଣୀ
ସେ ନୁହେଁ ମୋର ମରମବାଣୀ
ସେ ନୁହେଁ ମନ କଥା ମୋ,
ଯେ ଗୀତ ଦେଲି ସେ ଦିନ ଗାଇ
ସେ ଗୀତେ ମୋର ହୃଦୟ ନାହିଁ
ନାହିଁ ସେ ଗୀତେ ବ୍ୟଥା ମୋ ।"

କବି ବୈକୁଣ୍ଠନାଥଙ୍କ 'ଯୌବନ ପୂଜା', କବି କାଳିନ୍ଦୀଚରଣଙ୍କ 'ଫଗୁଣ ବଂଶୀ' କବିତାରୁ ମଧ୍ୟ ଏହାର ଉଦାହରଣ ନିଆଯାଇପାରେ । ତେଣୁ, ସବୁଜ କବିମାନେ ପ୍ରକୃତରେ ସାଙ୍ଗୀତିକ ଶୈଳୀ ମାଧ୍ୟମରେ ଆପଣାର ହୃଦୟର ଆବେଗାତ୍ମକ ସାର୍ଥକ ପରିପ୍ରକାଶ କରିପାରିଛନ୍ତି ।

**ରହସ୍ୟବାଦୀ ଚିନ୍ତାଧାରା :**

ସବୁଜ କବିମାନେ କବିତା ରଚନା କରିବା ସମୟରେ ସମଗ୍ର ଭାରତୀୟ କବିତା ରାଜ୍ୟରେ ରହସ୍ୟବାଦ (myst)ର ଅନୁବର୍ତ୍ତନ ଘଟିଥିଲା । ଏହି କାଳରେ ହିନ୍ଦୀ ସାହିତ୍ୟ 'ଛାୟାବାଦୀ ଯୁଗ' ଓ ବଙ୍ଗଳା ସାହିତ୍ୟର 'କଲ୍ଲୋଳଯୁଗ' କବିବୃନ୍ଦ ରହସ୍ୟାବାଦୀ ଚିନ୍ତାଧାରାକୁ ଉପଜୀବ୍ୟ କରି କବି ରଚନାର ପ୍ରୟାସ କରୁଥିଲେ । ସେମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସବୁଜ କବିମାନେ ମଧ୍ୟ ରହସ୍ୟବାଦୀ କବିତା ରଚନା କରିଛନ୍ତି । ସାଧାରଣତଃ, ଏହି ସାଧାରଣ ସଂସାରର ଉପରେ ଯେଉଁ ଅଦୃଶ୍ୟ କଳ୍ପଲୋକ ରହିଛି ସେଠାରେ ସଂସାରର ପରିଚାଳନା କରୁଥିବା

ଅରୂପ, ଅଚିନ୍ତନୀୟ, ଅକଳ୍ପନୀୟ ଶକ୍ତି ରହିଛି, କବି ବା ସାଧକ ଆପଣାର ଚିନ୍ତା ଜଗତର ମଧ୍ୟ ରେ ସେହି ଶକ୍ତିକୁ ସ୍ପର୍ଶ କଲେ ପରମ ଆନନ୍ଦ ଲାଭ କରିଥାଏ। ଏହି ଉପଲବ୍ଧି ହେଉଛି, ଏହି କାଳରେ ସୃଜନ ହୋଇଥିବା ରହସ୍ୟବାଦର ମୂଳଭିତ୍ତି। ସବୁଜ କବିମାନେ ରଚିତ କେତେକ କବିତାରେ ଏହାର ସାର୍ଥକ ପ୍ରୟୋଗ ଘଟିଅଛି।

କବି ବୈକୁଣ୍ଠନାଥ ସ୍ୱକୀୟ 'ଯାତ୍ରା ସଙ୍ଗୀତ' ବା 'ଶେଷଗୀତ' କବିତାରେ ଅନୁଭବ କରିଛନ୍ତି ଯେ, ଜୀବନର ସେହି ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଗୋଟିଏ ଭ୍ରାନ୍ତିପୂର୍ଣ୍ଣ ଓ ଅସାଧାରଣ ଜୀବନ ବିତେଇଥିଲେ। କାମନାର ସହସ୍ର ଜିହ୍ୱା ତାଙ୍କ ଚେତନାକୁ କ୍ଷତ ବିକ୍ଷତ କରି ଦେଇଥିଲା। ମୋହ ଗ୍ରସ୍ତତା ଭିତରେ ରୁ ହୋଇଥିଲା ତାଙ୍କ ଜୀବନ। ତେଣୁ, ସେ ଏହି ସୀମିତ ପୃଥିବୀ ରୁକ୍ଷତା ଓ କର୍କଶତା ମଧ୍ୟ ରୁଏକ ଅସୀମ ଜଗତକୁ ଚାଲିଯିବା ପାଇଁ ଉଦ୍‌ବିଗ୍ନ ହୋଇ ଉଠିଛନ୍ତି। ତାଙ୍କ ମାନସ ରୂପୀ ହଂସ ଉଡ଼ିଯାଇଛି ସୁଦୂର ରାଜ୍ୟକୁ-

"ମାନସ ହଂସ ମୁଁ ମାନସେ ଯିବି ଉଡ଼ି
ମୋ ଦୋଷେ ପଥଟୁଡ଼ି, ଭରମେ ଅବିରତ
ଅଳପ ତୃଷ୍ଣା କ୍ଷୁଧା ଲଭି ତୁମରି ସୁଧା
ତୃପତ ହେଲା ଯେବେ ଲୋଡ଼ଇ ଏ ମରତ।"

କବି କାଳିନ୍ଦୀଚରଣଙ୍କ 'ଅରୂପର ଆହ୍ୱାନ' କବିତାରେ ମଧ୍ୟ ଏହି ଭାବନାର ପରିପ୍ରକାଶ ଘଟିଅଛି। ଏହି କବିତାରେ କବି ଏହି ପୃଥିବୀର ଉର୍ଦ୍ଧ୍ୱରେ ପରିବ୍ୟାପ୍ତ ସତ୍ତା ନିକଟରେ ଆତ୍ମ-ସମର୍ପଣ କରିଦେବା ପାଇଁ ବ୍ୟାକୁଳ ହୋଇ ଉଠିଛନ୍ତି। ପରମାତ୍ମାଙ୍କ ମହୋଦାର ସତ୍ତା ନିକଟରେ ତାହା ହେଉଛି ଜୀବାତ୍ମାର ପରିପୂର୍ଣ୍ଣ ସମର୍ପଣ। କବି ତଲ୍ଲୀନ ହୋଇ ଗାଇ ଉଠିଛନ୍ତି –

"ହେ ଅତନୁ! ତନୁ ଛାଡ଼ି ମିଳିବାକୁ ତୁମରି ଗତିରେ
ଲୋଡୁଅଛି ପ୍ରାଣ ମମ ଆଜି ଏଇ ଚଇତି ରାତିରେ
ନିବିଡ଼ ପରଶ ମୋର ପଥେ ଘାଟେ ଯିବାକୁ ବିତରି
ବିଶ୍ୱର ଅବକାଶ ବ୍ୟାଗ୍ର ମୋ ଭାବନାରେ ଭରି।"

କବି ଅନ୍ନଦାଶଙ୍କରଙ୍କ 'କମଳ ବିଳାସୀର ବିଦାୟ' କବିତାରେ ମଧ୍ୟ ଶୁଣିବାକୁ ମିଳେ ଏହି ରହସ୍ୟାର ସ୍ୱର। କାବ୍ୟ – ପୁରୁଷ ଏହି ସଂସାର ମଧ୍ୟ ରୁବିଦାୟ ନିମିତ୍ତ ଯେଉଁ କାମନା କରିଛନ୍ତି ସେହି ବିଦାୟ ହେଉଛି ସୀମାଠାରୁ ଅସୀମ ପର୍ଯ୍ୟନ୍ତ। ଏକ ବ୍ୟାପ୍ତ ସତ୍ତା ପର୍ଯ୍ୟନ୍ତ ଚାଲିଯାଇ ନିମୀଳିତ ହୋଇଯିବା ପାଇଁ ଏଠାରେ କବିପ୍ରାଣ ବ୍ୟାକୁଳ ହୋଇ ଉଠିଛି –

"ବିଦାୟ ଘେନିବି ବାଣୀ ତୋ କମଳ ବନୁଁ
ଅସୀମୁଁ ଅସୀମେ ଯିବି ଗଗନେ ଗଗନୁଁ
ଉତ୍ତରା ପବନେ ମୋର ଭସାଇବି ତରୀ।"

କବି ହରିହର ମହାପାତ୍ରଙ୍କ 'ଯାଅଯାତ୍ରୀ', 'ଭଗ୍ନବୀଣା', 'ଆଜିଗୋ' ଇତ୍ୟାଦି କବିତାରେ ମଧ୍ୟ ରହସ୍ୟବାଦୀ ଚିନ୍ତାଧାରାର ସାର୍ଥକ ଅନୁବର୍ତ୍ତନ ଘଟିଅଛି। ସୁତରାଂ, ସବୁଜ କବିବୃନ୍ଦ ସମକାଳୀନ ରହସ୍ୟବୋଧକୁ ଅତ୍ୟନ୍ତ ଚମତ୍କାର ଭାବେ ସ୍ୱୀୟ କବିତାରେ ପରିବେଷଣ କରିଛନ୍ତି।

**ମାନବବାଦୀ ଚିନ୍ତାଧାରା :**

ସମଗ୍ର ପୃଥିବୀର ମଣିଷକୁ ମହତ୍ତର ଜୀବନ ପାଠ୍ୟ କରିବା ନିମିତ୍ତ ଯେଉଁ ଚିନ୍ତାଧାରା ଅନୁପ୍ରେରିତ କରେ, ତାହା ହେଉଛି ମାନବବାଦୀ ଚିନ୍ତାଧାରା। ମାନବବାଦ (Humanism) ଏକ ପାଶ୍ଚାତ୍ୟ ସୃଷ୍ଟ ଚିନ୍ତାଧାରା। ସାହିତ୍ୟରେ ଭାଗ୍ୟ ଓ ଭଗବାନ ଓ ଅନ୍ୟ ଦିଗରେ କଳ୍ପନାଶ୍ରୟୀ ଲକ୍ଷ୍ୟହୀନ ଚିନ୍ତାଧାରା ପ୍ରତି ବିତୃଷ୍ଣା ମଧ୍ୟ ରୁହିଁ 'ମାନବବାଦୀ'ର ସୃଷ୍ଟି। ଏ ସଂସାରରେ ମଣିଷ ମଣିଷର ଜୀବନ ଓ ମାନବୀୟ ଚିନ୍ତାଧାରା ହିଁ ସବୁକିଛି। ତାର ଉର୍ଦ୍ଧ୍ୱରେ କୌଣସି ଅତୀନ୍ଦ୍ରିୟ ଅସ୍ତିତ୍ୱ ନାହିଁ। ଏ ସଂସାରରେ ମଣିଷ ଜନ୍ମ ହୁଏ, ନିଜେ ବଞ୍ଚିବା ପାଇଁ ସଂଘର୍ଷ କରେ ଓ ପରିଶେଷରେ ଏହି ସଂସାର ମଧ୍ୟ ରେ ହିଁ ନୀମିଳିତ ହୋଇଯାଏ। ଏହି ଚିରନ୍ତନ ସତ୍ୟ ହିଁ ମାନବବାଦୀ ସାହିତ୍ୟର ଅଭିପ୍ରେତ ବିଷୟ। ସବୁଜ କବିବୃନ୍ଦ ଏହି ଚିନ୍ତାଧାରାକୁ ଗ୍ରହଣ ପୂର୍ବକ ସ୍ୱକୀୟ ଅନେକ କବିତା ରଚନା କରିଛନ୍ତି।

କାବ୍ୟଶିଳ୍ପୀ ବୈକୁଣ୍ଠନାଥ ଓଡ଼ିଆ ସାହିତ୍ୟର ବିଶିଷ୍ଟ ମାନବବାଦୀ କବି ରୂପେ ପରିଚିତ। ତାଙ୍କ 'ବର୍ଷା ବରଣ', 'କିସ୍‌ସା ଗୌତମୀ', 'ଅମ୍ୱାପାଳିର ଉତ୍କଣ୍ଠା', 'ଶିଶୁସୃଷ୍ଟି' ଇତ୍ୟାଦି କବିତାଗୁଡ଼ିକ ବିଶ୍ଳେଷଣ କଲେ, ତାହାଙ୍କ ମାନବବାଦୀ ଚିନ୍ତାଧାରାର ପ୍ରକୃଷ୍ଟ ପରିଚୟ ମିଳିଥାଏ। 'କିସା ଗୌତମୀ' କବିତାରେ ପୁତ୍ର ଶୋକରେ ମୋହଗ୍ରସ୍ତ ମାତାଟିଏର ବ୍ୟାକୁଳ ଭାବନା ଓ ସଂଶୟକୁ ଦୂର କରିବା ପାଇଁ ଗୌତମବୁଦ୍ଧ ନିଜକୁ ଜଣେ ସାଧାରଣ ମାନବ ରୂପେ ପରିଚୟ ପ୍ରଦାନ କରିଛନ୍ତି। କବିଙ୍କ ଭାଷାରେ –

"ଜାଣି ମୁଁ ଭଗିନି, ପଠାଇଲି ତହିଁ ପାଇବ ଜୀବନ ପଥ
ନୁହେଁ ମୁଁ ଦେବତା ମାନବ ମାତ୍ର ରକ୍ତମାଂସ ଦେହ
ମାନବ ପକ୍ଷେ ସମ୍ଭବ ଯାହା ଲଭିବ ଶାନ୍ତି ସ୍ନେହ।"

କବି କାଳିନ୍ଦୀଚରଣଙ୍କ 'ଯାଦୁଘର' କବିତା ଏକ ଶ୍ରେଷ୍ଠ ମାନବବାଦୀ କବିତା। ଏହି କବିତାରେ କବି ଆଧୁନିକ ସମାଜର ଧର୍ମ-ସାଧନା ମଧ୍ୟ ରେ ପ୍ରବଞ୍ଚନା, ପ୍ରତାରଣା ଓ ବିକଟ ସ୍ୱାର୍ଥପରତାକୁ ଅବଲୋକନ କରି ସ୍ୱତଃ ବିଦ୍ରୋହୀ ହୋଇ ଉଠିଛନ୍ତି। ଯେଉଁ ଧର୍ମ ମଣିଷ ସମାଜରେ ରହିଥିବା କେତେକ ଅପରାଧୀମାନଙ୍କ ନିଷ୍ଠୁରତାକୁ ଆବରଣ କରି ରଖିଥାଏ, ମାନବୀୟ ଜାଗରଣ ସକାଶେ ତାର କୌଣସି ପ୍ରୟୋଜନ ନଥାଏ। କବି ଅତ୍ୟନ୍ତ ଦୃଢ଼ ଭାବରେ ଏଠି ଯୁକ୍ତି କରିଯାଇଛନ୍ତି। କବି ସ୍ୱକୀୟ ଅନୁଭବକୁ ବ୍ୟକ୍ତ କରିଛନ୍ତି-

"ମଣିଷ ଭିତରେ ଧାର୍ମିକ ବୋଲି ଶୁଣିଲି ଯାହାର ନାମ
ବଳିଲା ବାସନା ନିକଟକୁ ଯାଇ ଦେଖିବା ପାଇଁ ତା କାମ

ଦେଖିବା ପାଇଁ ତା ରୀତି ଆଚରଣ ଖୋଲି ତା ଧରମ ଝୁଲି
ଦୁଃଖ ଆସିଲା, ଋବୁକ୍ ଖଣ୍ଡେ ଆଣିବାକୁ ଗଲି ଭୁଲି ୪
ଜୀବର ରାଇଜେ ଧର୍ମ ସେ ଖାଲି ଜୀବହୀନ ଯାଦୁଘର
ନୁହେଁ କିଛି ଆଉ ସଞ୍ଚିତ ତହିଁ କଙ୍କାଳ ଜଗତର।"

କବିଙ୍କ 'ଦେବତା ମଣିଷ', 'ଛୁରୀଟିଏ ଲୋଡ଼ା' ଇତ୍ୟାଦି କବିତାରେ ମଧ୍ୟ ଏହି ଚିନ୍ତାଧାରାର ପରିପ୍ରକାଶ ଘଟିଅଛି। ମାନବବାଦୀ ଆଭିମୁଖ୍ୟ ଦୃଷ୍ଟିରୁ ସବୁଜ ଗୋଷ୍ଠୀର ଅନ୍ୟତମ ସାରଥୀ ଅନ୍ନଦାଶଙ୍କରଙ୍କ "ପ୍ରଳୟ ପ୍ରେରଣା"କୁ ବିଶ୍ଳେଷଣ କରାଯାଇପାରେ। ଏହି କବିତାରେ ମଣିଷ ସମାଜର ଉନ୍ନତି କଳ୍ପେ ଓ ଏକ ବୈଷମ୍ୟ-ବିହୀନ ସମାଜ ସଙ୍ଗଠନ ନିମିତ୍ତ ତୃପ୍ତ ସ୍ୱର ଅନୁଭୂତ ହୋଇଥାଏ। ସମାଜର ପାପ, ମିଥ୍ୟା, ମୋହ, ପ୍ରବଞ୍ଚନା, ଧର୍ମ ଓ ଜାତିର ଛଳନା ଇତ୍ୟାଦିକୁ ଧ୍ୱଂସ କରିଦେଇ ଏକ ସୁନ୍ଦର ସମାଜ ଗଠନ କରିବା ନିମିତ୍ତ କବି ପରିକଳ୍ପନା କରିଛନ୍ତି। ତାଙ୍କ ବର୍ଣ୍ଣନା ଅନୁସାରେ-

"ବୈଷମ୍ୟର ଭେଦ ରେଖା
ଭଣ୍ଡତାର ଯେତେ ଆଚ୍ଛାଦନ
ଦୁର୍ବଳର ହାହକାର
ପୀଡ଼ିତର ମରମ ବେଦନା
ବିଧି ପଦେ ଧରିତ୍ରୀର
ଦୁଃଖ ଶୋକେ ଭରା ଅର୍ଘ୍ୟଥାଳି
ନିଷ୍ଠୁର ନିର୍ମମ ମୁହିଁ
ନିର୍ବିକାରେ ସବୁ ଦେବି ଜାଳି।"

ସୁତରାଂ, ସମଗ୍ର ବିଶ୍ୱ ସାହିତ୍ୟରେ ମାନବବାଦୀ ଚିନ୍ତାଧାରା ଯେଉଁ ଆଭିମୁଖ୍ୟ ନେଇ ପରିପୁଷ୍ଟ ଓ ପ୍ରସାରିତ ହୋଇଥିଲା, ଓଡ଼ିଆ ସବୁଜ ଗୋଷ୍ଠୀର କବିତାର ତାର କେତେକ ନିର୍ଯ୍ୟାସ ଦେଖାଯାଇଥାଏ। ଆଧୁନିକ ମଣିଷ ସମାଜ ଭିତରେ ରହିଥିବା ବୈଷମ୍ୟ ଓ ପ୍ରବଞ୍ଚନାକୁ ପରିବର୍ତ୍ତନ କରି ମାନବୀୟ ଉନ୍ନତ ସମାଜ ସଂଗଠନ କରିବା ପାଇଁ ଏହି ଗୋଷ୍ଠୀ ପ୍ରାୟତଃ ପ୍ରତ୍ୟେକ କବି ସ୍ୱର ଉତ୍ତୋଳନ କରିଛନ୍ତି। ଓଡ଼ିଆ ସାହିତ୍ୟର ପାଠକମାନଙ୍କ ଦ୍ୱାରା ମଧ୍ୟ କବିତାଗୁଡ଼ିକ ବହୁଳ ଆଦୃତ ହୋଇପାରିଛି। ତେଣୁ, ସବୁଜ କବିତାରେ ମାନବବାଦୀ ମୂଲ୍ୟବୋଧକୁ ଏକାନ୍ତ ଭାବରେ ସ୍ୱୀକାର କରାଯାଇପାରେ।

## ବାସ୍ତବବାଦୀ ଚିନ୍ତାଧାରା :

ମାନବର ସୁଖ-ଦୁଃଖ ତଥା ଜୀବନକୁ ଯଥାର୍ଥ ଭାବେ ରୂପାୟିତ କରାଯାଉଥିବା ଦର୍ଶନ ବାସ୍ତବବାଦ ରୂପେ ପରିଚିତ। ଏହା ରୋମାଣ୍ଟିକ୍ ଚେତନାର ବିପରୀତ ଧର୍ମୀ ଉନବିଂଶ ଶତାବ୍ଦୀର ପୃଥିବୀରେ ଶିଳ୍ପ-ସଭ୍ୟତାର ଉଦ୍‌ବର୍ତ୍ତନ, ମଣିଷ ମଣିଷ ମଧ୍ୟ ରେ ଅର୍ଥନୈତିକ ବୈଷମ୍ୟ, ବଞ୍ଚିବା ସକାଶେ ସଂଘର୍ଷ ଓ ପ୍ରତିଯୋଗିତା ଇତ୍ୟାଦି

ଫଳରେ ମୂଲ୍ୟବୋଧର ଯେଉଁ ପରିବର୍ତ୍ତନ ଦେଖାଯାଇଥିଲା । ତହିଁରୁ ହିଁ ବାସ୍ତବତାର ଜନ୍ମ । ପାଶ୍ଚାତ୍ୟ ମୂଲ୍ୟବୋଧ ଜଗତରେ ସୃଷ୍ଟ ଏହି ଚିନ୍ତାଧାରା କ୍ରମେ ବିଶ୍ୱ ସାହିତ୍ୟ ପରିପ୍ରେକ୍ଷୀରେ ଓଡ଼ିଶା ସାହିତ୍ୟକୁ ସମ୍ପ୍ରସାରିତ ହୋଇଥିଲା । ସବୁଜ ଯୁଗର କବିବୃନ୍ଦ ଆଦ୍ୟ ପର୍ଯ୍ୟାୟରେ ରୋମାଣ୍ଟିକ୍ ଚିନ୍ତାଧାରାକୁ ଗ୍ରହଣ ପୂର୍ବକ କବିତା ରଚନା କରୁଥିଲେ ହେଁ, ପରବର୍ତ୍ତୀ କାଳରେ ମଣିଷ ଜୀବନର ବାସ୍ତବତାକୁ ଅନୁଭବ କରିଥିଲେ ଓ ତାଙ୍କ କବିତାରେ ମଧ୍ୟ ଏହି ଭାବନାର ସ୍ୱର ଶୁଣିବାକୁ ମିଳିଥିଲା ।

କବି ଅନ୍ନଦାଶ ରାୟଙ୍କ 'ପ୍ରଳୟ ପ୍ରେରଣା' କବିତାରେ ଏହି ଏହି ଅନୁଭବର ପରିପ୍ରକାଶ ଘଟିଅଛି । କବିତାର ପ୍ରାରମ୍ଭରେ କବି ସମାଜର ଅନ୍ଧ ପରମ୍ପରା ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ପରେ ଆଧୁନିକ ସ୍ୱାଧୀନଚେତା ମଣିଷ ଉଦ୍ଦେଶ୍ୟରେ କହିଛନ୍ତି –

"ଜାତୀୟ ଜୀବନେ ଯେତେ
ଅଛି ପାପ, ଅଛି ଆବିଳତା
ବୈଷମ୍ୟ ବିରୋଧ ଯେତେ
ଅବିଶ୍ୱାସ ଭୀରୁତା ଭଣ୍ଡତା
ସବୁ ଦିଅ ନିର୍ବିରରେ
ନିର୍ବିକାରେ ଅନଳେ ଆହୁତି ।"

କବି ବୈକୁଣ୍ଠନାଥ ଆଦ୍ୟ ପର୍ଯ୍ୟାୟରେ ପ୍ରେମ ଓ ପ୍ରଣୟ ଭାବନାକୁ ନେଇ କବିତା ରଚନା କରୁଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ହୋଇ ଉଠିଛନ୍ତି ତୀବ୍ର ବାସ୍ତବବାଦୀ । ତାଙ୍କ 'ଦଣ୍ଡାଦେଶ', 'ଦେଶସେବା', 'ମୃତ୍ତିକା ଦର୍ଶନ', 'ଉମା', 'ହରିଜନ', 'ମେହେନ୍ତର', 'ବୁଲାକୁତୀ' ଇତ୍ୟାଦି କବିତାରେ ଏହି ଚିନ୍ତାଧାରର ସଫଳ ଅନୁବର୍ତ୍ତନ ଘଟିଅଛି । ତାଙ୍କ 'ହରିଜନ' କବିତାରେ କବି ଦାରିଦ୍ର୍ୟ ଓ ବୁଭୁକ୍ଷାର ବରାଳ-ଗ୍ରାସ ମଧ୍ୟ ରେ ନିକ୍ଷିପ୍ତ ଏକ ହରିଜନ ଭିକ୍ଷୁକ ପରିବାରର କରୁଣ ଇତିବୃତ୍ତକୁ ପ୍ରକାଶ କରିଛନ୍ତି –

"ତିନୋଟି ପରାଣ ଋଳନ୍ତି ଠେଲି କୁକୁର ତହୁଁ ହୀନ
ସୃଷ୍ଟିରେ ତାର ପ୍ରୟୋଜନ କା'ର କହିବ କେ କେଉଁଦିନ ?"

ଏହି ଯୁଗର ଅନ୍ୟତମ ସାହିତ୍ୟରଥୀ କାଳିନ୍ଦୀଚରଣଙ୍କ 'ମରଣ ପାଳି', 'ଛନ୍ଦନାୟିକା', 'ପ୍ରତିମା' ଇତ୍ୟାଦି କବିତାରେ ବାସ୍ତବବାଦୀ ଚିନ୍ତାଧାରାର ସ୍ୱାକ୍ଷର ଦେଖାଯାଇଥାଏ । ତାଙ୍କ 'ପାଶୋରି ଦେଲିରେ ଶିମୁଳିପାଳ' କବିତାରେ ବାସ୍ତବବାଦୀ ଅନୁଭୂତିରୁ ତୀବ୍ରତା ଉପଲବ୍ଧ ହୋଇଥାଏ । ପୃଥିବୀର ଦୁଃଖରେ ମ୍ରିୟମାଣ ହୋଇ କବି ଗାଇ ଉଠିଛନ୍ତି –

"କ୍ଷୁଧିତ ମାନବ କାକୁତି କରଇ
ପତାଇ ଥାଳ
ପଥ ପରେ ଶତ ମାନବର ଶିଶୁ

ଦେଖାଏ କାନି
ଅକାଳେ ଝାଉଁଳି ପଡ଼ଇ କେତେରେ
ଜୀବନ ଲତା
ସବୁ ପ୍ରିୟ ସ୍ମୃତି ଅନୁଭୂତି ମୟ
ଅତୀତ କାଳ
ତୋତେ ରହିଁ ଆଜି ପାଶୋରି ଦେଲିରେ
ଶିମୁଳିପାଳ ।”

ସବୁଜ କବିବୃନ୍ଦ ପ୍ରାରମ୍ଭିକ ଜୀବନରେ ଯୌବନର ଉ୍ଦାମତାକୁ ଭିତ୍ତି କରି କାବ୍ୟ-ସାଧନା କରୁଥିଲେ ହେଁ, ପରବର୍ତ୍ତୀ ପର୍ଯ୍ୟାୟରେ ସେମାନେ ସାହିତ୍ୟ ଓ ସମାଜକୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି । ବାସ୍ତବ ସଂସାରରେ ମଣିଷର ଦୁଃଖ ସେମାନଙ୍କ ଚେତନାକୁ ସ୍ପର୍ଶ କରିଛି । ଏଇ ମାଟିର ବ୍ୟଥା ସେମାନଙ୍କ ହୃଦୟରେ ଉଦ୍‌ବେଳନ ସୃଷ୍ଟି କରିଛି । ତେଣୁ, ସେମାନଙ୍କ ପ୍ରାରମ୍ଭିକ ରୋମାଣ୍ଟିକ୍ କବିତା ଅପେକ୍ଷା ପରବର୍ତ୍ତୀ ପର୍ଯ୍ୟାୟ ବାସ୍ତବବାଦୀ କବିତାଗୁଡ଼ିକର ଆବେଦନ ଅଧିକ । ଏହି କବତାଗୁଡ଼ିକ ମାନବୀୟ ଆବେଗ ଦ୍ୱାରା ଯେତିକି ପରିପୁଷ୍ଟ ବୌଦ୍ଧିକ ପରିଶୀଳନ ଯୋଗୁଁ ସେତିକି ଋଦ୍ଧିମନ୍ତ ।

## ସବୁଜ କବିତାର ଆଙ୍ଗିକ ଦିଗ :

ସବୁଜ କବିବୃନ୍ଦ କେବଳ ଆତ୍ମିକ ଦିଗରେ ନୂତନତ୍ୱ ଓ ମୌଳିକତା ପ୍ରଦର୍ଶନ କରିନାହାନ୍ତି, ବରଂ ଆଙ୍ଗିକ ଦିଗରେ, ନୂତନ ନୂତନ ପ୍ରୟୋଗ କ୍ଷେତ୍ରରେ ମଧ୍ୟ ସ୍ୱାତନ୍ତ୍ର୍ୟ ଆନୟନ କରିଛନ୍ତି । ଏତଦ୍‌ପୂର୍ବର ଓଡ଼ିଆ ସତ୍ୟବାଦୀ ଯୁଗର ଆଙ୍ଗିକ ରୂପ ଏହି ସମୟରେ ପରିବର୍ତ୍ତି ଓ ପରିବର୍ତ୍ତିତ ହୋଇଛି । ନିମ୍ନରେ ସେଗୁଡ଼ିକୁ ଆଲୋଚନା କରାଯାଉଅଛି ।

## ଛନ୍ଦ ପ୍ରୟୋଗରେ ନୂତନତ୍ୱ :

ସାଧାରଣତଃ କବିତା ବା ପଦର ସ୍ପଷ୍ଟ ଉଚ୍ଚାରଣ ବା ଆବୃତ୍ତି ନିମିତ୍ତ ଛନ୍ଦ ପ୍ରଯୁକ୍ତ ହୋଇଥାଏ । ଏହାର ଉପଯୁକ୍ତ ବିନ୍ୟାସ କବିତ୍ୱ-ଚାତୁର୍ଯ୍ୟ ଉପରେ ନିର୍ଭର କରିଥାଏ । ହୃଦୟ ମଧ୍ୟ ରୁସ୍ୱତଃସ୍ଫୁର୍ତ୍ତ ଭାବରେ କବିତା ନିର୍ଗତ ହେବା ସମୟରେ ଛନ୍ଦର ମେଳି ଓ ତଜ୍ଜନିତ ଭାବ ସାମଞ୍ଜସ୍ୟ ହେବା ସମୟରେ ଛନ୍ଦର ମେଳି ଓ ତଜ୍ଜନିତ ଭାବ ସାମଞ୍ଜସ୍ୟ, ରକ୍ଷା ଅତ୍ୟନ୍ତ କଠିନ କଳାକର୍ମ । କବି ଅତ୍ୟନ୍ତ ଚାତୁର୍ଯ୍ୟପୂର୍ଣ୍ଣ ରୀତିରେ ଏହି ସାମଞ୍ଜସ୍ୟ ରକ୍ଷା ପୂର୍ବକ କବତା ଶିଳ୍ପ ସୃଷ୍ଟି କରିଥାନ୍ତି । ସବୁଜ ଯୁଗ ପୂର୍ବରୁ ସତ୍ୟବାଦୀ କବିବୃନ୍ଦ ପାରମ୍ପରିକ ଓଡ଼ିଆ ଛନ୍ଦକୁ ହିଁ ଆଶ୍ରୟ କବିତା ରଚନା କରୁଥିଲେ । ମାତ୍ର ସବୁଜ କବିବୃନ୍ଦ ସେହି ଧାରାକୁ ପରିବର୍ତ୍ତନ କରି ଓଡ଼ିଆ କବିତାରେ କେତେକ ନୂତନ ଛନ୍ଦର ପ୍ରବର୍ତ୍ତନ କରିଛନ୍ତି । ବସ୍ତୁତଃ, ଏ କ୍ଷେତ୍ରରେ ତାଙ୍କ ଉପରେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଗଭୀର ପ୍ରଭାବ ନିହିତ । ଏହା ସତ୍ତ୍ୱେ ନୂତନ ଛନ୍ଦ ପ୍ରୟୋଗ କରି ସେମାନେ ଛନ୍ଦ କ୍ଷେତ୍ରରେ ସ୍ୱାତନ୍ତ୍ର୍ୟ ନିର୍ବାହ କରିଛନ୍ତି ।

ସବୁଜ କବିତାରେ ପ୍ରଯୁକ୍ତ ହୋଇଥିବା ପ୍ରଧାନ ଛନ୍ଦ ହୋଇଛି 'ମାତ୍ରାବୃତ୍ତ ଛନ୍ଦ'। ଏହାର ଲକ୍ଷଣ ହେଉଛି ଅକ୍ଷର ସୌନ୍ଦର୍ଯ୍ୟକୁ ଗୁରୁତ୍ୱ ପ୍ରଦାନ ନକରି ଧ୍ୱନି ସୌନ୍ଦର୍ଯ୍ୟ ଉପରେ ନିର୍ଭରଶୀଳତା। ଏହି ପ୍ରକାର ଛନ୍ଦ ମୁଖ୍ୟତଃ ଶବ୍ଦର ଶୃଙ୍ଖଳା ଉପରେ ନିର୍ଭର କରେ। ଗୁରୁଲଘୁ ବା ଉଦାର ଅନୁଦାତ୍ତ କ୍ରମେ ଶବ୍ଦ ସଂଯୋଜନା କବିତା ମଧ୍ୟ ରେ ଶ୍ରୁତି ମାଧୁର୍ଯ୍ୟ ରକ୍ଷା କରିଥାଏ। କବି ବୈକୁଣ୍ଠନାଥଙ୍କ 'ଆରମ୍ଭ' କବିତାରେ ଏହି ଛନ୍ଦର ସଂଯୋଜନା ରହିଅଛି।

"ଗନ୍ଧ ଯେସନେ ମଳୟ ସମୀରେ ମିଶେ
ତଟିନୀ ଯେସନେ ସାଗରକୁ ଯାଏ ବହି
ଯେସନେ ଜୋଛନା ଶ୍ୟାମ ପ୍ରାନ୍ତରେ ମିଶେ
ତୁମରି ପରାଣେ ମିଶିଯିବି ଆଜି ସହୀ।"

ଏହି ପଦରେ ଗନ୍ଧ, ସମୀରେ, ତଟିନୀ, ଜୋଛନା, ପ୍ରାନ୍ତରେ ଇତ୍ୟାଦି ଗୁରୁ ଶବ୍ଦ ସହିତ ମଳୟ, ସାଗର ପରାଣେ, ସହୀ, ଯେସନେ ଇତ୍ୟାଦି ଲଘୁ ଶବ୍ଦ ସଂଯୁକ୍ତ ହୋଇ ଶ୍ରୁତି ମାଧୁର୍ଯ୍ୟ ସୃଷ୍ଟି କରିଅଛି। କବି ଅନ୍ନଦାଶଙ୍କରଙ୍କ 'ପ୍ରଳୟ ପ୍ରେରଣା' କବିତାରେ ମଧ୍ୟ ଏହି ଛନ୍ଦର ପ୍ରୟୋଗ ଦେଖାଯାଏ।

'ଏକାନ୍ତର ମେଳ' ସବୁଜ କବିତାରେ ପ୍ରଯୁକ୍ତ ହୋଇଥିବା ଅନ୍ୟତମ ଉଲ୍ଲେଖନୀୟ ଛନ୍ଦ। ଏହି ଛନ୍ଦର ତାତ୍ତ୍ୱିକ ନିୟମ ହେଉଛି ଏହା ଚାରିଗୋଟି ଚରଣରେ ଏକପଦ ହୋଇଥାଏ। ପଦର ପ୍ରଥମ ଚରଣର ଶେଷବର୍ଣ୍ଣ ସହିତ ତୃତୀୟ ଚରଣ ଶେଷବର୍ଣ୍ଣ ଓ ଦ୍ୱିତୀୟ ଚରଣର ଶେଷବର୍ଣ୍ଣ ସହିତ ଚତୁର୍ଥ ଚରଣରୁ ଶେଷବର୍ଣ୍ଣର ମିଳନ ଘଟିଥାଏ। କବି ଅନ୍ନଦାଶଙ୍କରଙ୍କ 'କମଳ ବିଳାସୀର ବିଦାୟ' କବିତାରେ ଏହି ଛନ୍ଦ ଲକ୍ଷଣୀୟ।

"ଏହି ତନୁ ତଟେ ମୋର ବୀଣା ବାଜେ ଚିର
ସେ ବୀଣା ଯୁଗଳ ତନ୍ତ୍ରୀ! ବାଜେ ଏକ ତାରେ
ଅନନ୍ତ ବେଦନା ଗୀତ, ବ୍ୟର୍ଥତାର ଶିର
ଆନ ତାରେ ବାଜେ ଆଶା ଭୈରବ ଝଙ୍କାରେ।"

ସବୁଜ କବିତାରେ ପ୍ରଯୁକ୍ତ ହୋଇଥିବା ଅନ୍ୟତମ ଛନ୍ଦ ହେଉଛି ଓଲଟ ତ୍ରିଭୁଜ ଛନ୍ଦ। ଏହି ପ୍ରକାର ଛନ୍ଦରେ ଶବ୍ଦଗୁଡ଼ିକ ଏଭଳି ରୀତିରେ ସଂଯୁକ୍ତ ହୋଇଥାଏ, ସମ୍ପୂର୍ଣ୍ଣ ପଦଟି ଏକ ଓଲଟ ତ୍ରିଭୁଜ ଭଳି ଦେଖାଯାଇଥାଏ। କବି କାଳିନ୍ଦୀଚରଣଙ୍କ 'ପୁରୀ ମନ୍ଦିର' କବିତାରେ ଏହାର ନିଦର୍ଶନ ରହିଛି :-

"କାଷ୍ଠ ପାଷାଣେ ଗଠିତ ହେ ନିର୍ଜୀବ ଦେବତା ମୂରତି।
ମାନବର ହସ୍ତେ ବହି ରୂପ
ଭାଗ୍ୟେ ତାର କରୁଛ ବିଦ୍ରୂପ
ଅନନ୍ତ ଗୁହାରି
ଶୁଣ କି ତାହାରି
ଶୂନ୍ୟ ପ୍ରାଣ
ହେ ପାଷାଣ।"

ଏତଦ୍‌ବ୍ୟତୀତ ସବୁଜ କବିତାରେ ପ୍ରଯୁକ୍ତ କେତେକ ଛନ୍ଦ, ଯେଉଁ ଗୁଡ଼ିକର କି ତତ୍ତ୍ୱ ଏ ଯାବତ୍ ନିରୂପିତ ହୋଇନାହିଁ, ସେଗୁଡ଼ିକର ଚମତ୍କାର ପ୍ରୟୋଗ ଦେଖାଯାଇଥାଏ। ଯେତେ ଦୂର ମନେ ହୋଇଥାଏ ଏଗୁଡ଼ିକ କବି ରବୀନ୍ଦ୍ରନାଥଙ୍କ ପ୍ରଭାବରୁ ହିଁ ସବୁଜ କବିବୃନ୍ଦ ସଂଯୋଜନା କରିଛନ୍ତି। ଯେପରି ଅନ୍ନଦାଶଙ୍କରଙ୍କ 'ମାନସୀ ଓ ମୁଁ' କବିତାରେ ଶବ୍ଦ ସଂଯୋଜନା ହେଉଛି –

"ବାଲୁତ କାଳେ ଆହା
ଜାଣିନ ଥିଲି ତାହା
ମୋହର ଖେଳା ସାଥୀ
ମୋହର ହୃଦ ପୁରେ।"

ସେହିଭଳି 'ସୃଜନ ସ୍ୱପ୍ନ' କବିତାରେ ଏକ ଭିନ୍ନ ପ୍ରକାର ଛନ୍ଦର ପ୍ରୟୋଗ ଉପଲବ୍‌ଧ ହୋଇଥାଏ-

"ଆସ ସେ ଦେଶେ ଯିବା ଗୋ ପ୍ରିୟେ
ଏ ମର ମରୁ ସହିବ କିଏ
ମରୀଚିକାମୟ ଭବ ଏ
ନିରମି ନୀଡ଼ ସେ ଅମରାରେ
ନିତ୍ୟ ନବ ସୁଖାଭିସାରେ
ଯାପିବା ଦିନ ଉଭୟେ।"

ସୁତରାଂ, ସବୁଜ କବିବୃନ୍ଦ ଓଡ଼ିଆ କବିତା ରାଜ୍ୟରେ ନୂତନ ଛନ୍ଦ ସୃଷ୍ଟି କରିଥିବା ଗୋଟିଏ ଗୋଟିଏ ସାର୍ଥକ ଶିଳ୍ପୀ ମୁଖ୍ୟତଃ ରୋମାଣ୍ଟିକ୍ ଚେତନା ଦ୍ୱାରା ଆପ୍ଳୁତ ଏହି କବିବୃନ୍ଦ ସ୍ୱକୀୟ କବିତା ଗୁଡ଼ିକ ରଚନା କରିଛନ୍ତି। ହୃଦୟର ଉଚ୍ଛ୍ୱାସ ଭାବରେ ତଲ୍ଲୀନତା ସେମାନଙ୍କ କବିତା ଗୁଡ଼ିକର ମୁଖ୍ୟ ଶୈଳୀକୁ ତେଣୁ ସ୍ୱତଃସ୍ଫୂର୍ତ୍ତ ଭାବେ ଅନେକ ନୂତନ ଶବ୍ଦ ସଂଯୋଜନା ପଦ୍ଧତି ନୂତନ ଛନ୍ଦ ଭାବେ ସଜ୍ଜୀକୃତ ହୋଇଅଛି। ଏହି କବିବୃନ୍ଦ ତାଙ୍କ କବିତାଗୁଡ଼ିକରେ ପ୍ରାଚୀନ ଓଡ଼ିଆ ଛନ୍ଦକୁ ପରିହାର କରିଛନ୍ତି, ତେଣୁ ନୂତନ ଛନ୍ଦ ପ୍ରବର୍ତ୍ତନ କ୍ଷେତ୍ରରେ ସବୁଜ କବିମାନଙ୍କର ଏକାନ୍ତ ଗ୍ରହଣୀୟ।

## ଚିତ୍ରକଳ୍ପର ପ୍ରୟୋଗ :

କବିର ସୌନ୍ଦର୍ଯ୍ୟାତ୍ମକ ଅନୁଭୂତି ଓ କଳ୍ପନା ପ୍ରବଣତା ଏକ ପ୍ରମୂର୍ତ୍ତ ରୂପ ହେଉଛି ଚିତ୍ରକଳ୍ପ (Image)। ଦୁଇ ବା ତତୋଽଧିକ ଦୃଶ୍ୟ ବା ଚିତ୍ରର ସାଦୃଶ୍ୟାତ୍ମକ ରମଣୀୟ ଅଭିବ୍ୟଞ୍ଜନାକୁ ଚିତ୍ରକଳ୍ପ କୁହାଯାଏ। କବିର ଚେତନା ଜଗତ ମୁଗ୍‌ଧ ଭାବ ସହ ଏହି ପରିଦୃଶ୍ୟମାନ୍ ଜଗତର ସୁନ୍ଦର ଚିତ୍ର ଅତି ଅନ୍ତରଙ୍ଗ ଭାବେ କବିତା ମଧ୍ୟ ରେ ପ୍ରକାଶିତ ହେବାର ନାନ୍ଦନିକ ଉପାଦାନ ହେଉଛି ଚିତ୍ରକଳ୍ପ। ପ୍ରାଚୀନ ଭାରତୀୟ କାବ୍ୟତତ୍ତ୍ୱରେ ନିହିତ 'ଉପମା ଅଳଙ୍କାର' ସହିତ ଏହାର ସାଦୃଶ୍ୟ ଥିଲେ ମଧ୍ୟ  କେତେକ ସୂକ୍ଷ୍ମ ପାର୍ଥକ୍ୟ ଦେଖାଯାଇଥାଏ। ସମଗ୍ର ବିଶ୍ୱ କବିତା

ରାଜ୍ୟରେ 'ଚିତ୍ରକଳ୍ପ' ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ ଅଭିବ୍ୟଞ୍ଜନା ରୂପେ ପ୍ରକାଶିତ ହେବା ପରେ ଏହା ଓଡ଼ିଆ ସାହିତ୍ୟକୁ ମଧ୍ୟ ଗଭୀର ଭାବେ ପ୍ରଭାବିତ କରିଅଛି । ପ୍ରାଥମିକ ପର୍ଯ୍ୟାୟରେ ସବୁଜ କବିବୃନ୍ଦ ସ୍ୱକୀୟ କବିତ ମଧ୍ୟ ରେ ଏହାର ପ୍ରୟୋଗ କରିଛନ୍ତି ।

କବି ଅନ୍ନଦାଶଙ୍କରଙ୍କ ବିଭିନ୍ନ କବିତାରେ ଚିତ୍ରକଳ୍ପର ନିପୁଣ ପ୍ରୟୋଗ ଘଟିଅଛି । ତାଙ୍କ 'ପ୍ରଣୟୀ' କବିତାରେ ପ୍ରଯୁକ୍ତ ଚିତ୍ରକଳ୍ପ ଏଠାରେ ଉଲ୍ଲେଖଯୋଗ୍ୟ । କବିତାରେ ବର୍ଣ୍ଣିତ ହୋଇଛି–

"ବସନ୍ତର ଚମ୍ପା ସମ
ତରୁଣୀ ଯେବେ ଫୁଟିଲା
ସୌରଭର ସୁରା ତାହାର
ଦିଗ୍ ବିଦିଗେ ଛୁଟିଲା ।"

କବି ଏଠାରେ ନାରୀର ଯୌବନ କାଳର ସମାଗମକୁ ବସନ୍ତ ଋତୁରେ ପ୍ରସ୍ଫୁଟିତ ଚମ୍ପାଫୁଲ ସହିତ ତୁଳନା କରିଛନ୍ତି । ଏଠାରେ ସାଦୃଶ୍ୟାତ୍ମକ ଦୁଇଟି ଚିତ୍ର ହେଉଛି ନାରୀର ଯୌବନ ଉଦ୍‌ଗମ ଓ ବସନ୍ତକାଳରେ ସୁନ୍ଦର ଚମ୍ପା ଫୁଲର ପ୍ରସ୍ଫୁଟନ ।

ଚିତ୍ରକଳ୍ପର ପ୍ରୟୋଗ କ୍ଷେତ୍ରରେ କବି ବୈକୁଣ୍ଠନାଥ ମଧ୍ୟ ହେଉଛନ୍ତି ଜଣେ ଯଶସ୍ୱୀ ଶିଳ୍ପୀ । ତାଙ୍କ ପ୍ରାରମ୍ଭିକ ରୋମାଣ୍ଟିକ୍ କବିତା ଗୁଡ଼ିକରେ ପ୍ରଯୁକ୍ତ ଚିତ୍ରକଳ୍ପ ଗୁଡ଼ିକ ସୌନ୍ଦର୍ଯ୍ୟବୋଧ ଓ ରମଣୀୟ କଳ୍ପନାବିଳାସ ଦ୍ୱାରା ଋଦ୍ଧିମନ୍ତ ହୋଇଅଛି । ତାଙ୍କ 'ରୂପକଥା' କବିତାର ଏକ ଉଦ୍ଧୃତି ହେଉଛି –

"କଜଳ ଦୂର ମେଘ ନୀରବ ଆଖି ତାର କଜଳ
କୋମଳ ଶ୍ୟାମ ଘାରେ ଶିଶିର ବିନ୍ଦୁ ସମ ସଜଳ ।"

ଏହି ପଦରେ କବି ସୁନ୍ଦରୀ ପ୍ରେୟସୀର ନୟନ ଯୁଗଳକୁ କଳାମେଘ ଓ କୋମଳ ଶ୍ୟାମଳ ଘାସରେ ଶିଶିରବିନ୍ଦୁ ସହ ତୁଳନା କରିଛନ୍ତି ।

କବି କାଳିନ୍ଦୀଚରଣ ମଧ୍ୟ ଚିତ୍ରକଳ୍ପ ପ୍ରୟୋଗ କ୍ଷେତ୍ରରେ ଜଣେ ନିପୁଣ ଶିଳ୍ପୀ । ତାଙ୍କ ପ୍ରାରମ୍ଭିକ ପ୍ରେମ ଓ ପ୍ରଣୟ ମୂଳକ କବିତାଗୁଡ଼ିକରେ ସୁନ୍ଦର ଚିତ୍ରକଳ୍ପଗୁଡ଼ିକର ପ୍ରୟୋଗ ଘଟିଅଛି । ତାଙ୍କ 'ମଧୁବିବାହ' କବିତାରେ ପ୍ରଯୁକ୍ତ ଏକ ଚିତ୍ରକଳ୍ପ ହେଉଛି –

"ବଧୂ ଆସେ ମୋର ଧୀର ସୁଲଳିତ
ତୃତୀୟା ଜୋଛନା ସମ
ବଢ଼ାଏ ମୋ କରେ କମ୍ପିତ କର
ସୁକୁମାର ଅନୁପମ ।"

ଉକ୍ତ ପଦରେ କବି ସ୍ୱକୀୟ ପ୍ରେୟସୀଙ୍କ ଆଗମନକୁ ରମଣୀୟ ତୃତୀୟା ଜହ୍ନର କିରଣ ରୂପେ ପରିକଳ୍ପନା କରିଛନ୍ତି। ଆକାଶରେ ତୃତୀୟା ଜହ୍ନ ଯେପରି ଧୀର ଓ ମନ୍ଥର ଗତିରେ ଆଗମନ କରେ, ସେହିପରି କବିଙ୍କ ପ୍ରୀୟତମା ଅଳସ ଓ ଧୀର ଗତିରେ ଆଗମନ କରିଛନ୍ତି।

ଏହି ଯୁଗର ଅନ୍ୟତମ ରଥୀ ଶରତଚନ୍ଦ୍ର ମୁଖାର୍ଜୀ 'ଉଚ୍ଚାକାଂକ୍ଷା' କବିତାରେ ପ୍ରଯୁକ୍ତ ହୋଇଥିବା ଏକ ଚିତ୍ରକଳ୍ପ ହେଉଛି –

"ଦୂରେ ଦେଖ ସନ୍ଧ୍ୟା ଆସେ
ଅନ୍ଧକାରେ ଗମ୍ଭୀର ବଦନେ
କୃଷ୍ଣାଞ୍ଚଳ ଦୃଢ଼ଭାବେ ଭିଡ଼ା
ଆତଙ୍କର ମୁଣି ଖୋଲି ବୁଣିଦିଏ ଧରିତ୍ରୀ ଲଗନେ
ଦାନବୀ ସଦୃଶ ହୋଇ ଛିଡ଼ା।"

ସୁତରାଂ, ସବୁଜ କବିବୃନ୍ଦ ଚିତ୍ରକଳ୍ପର ପ୍ରୟୋଗ କ୍ଷେତ୍ରରେ ଜଣେ ଜଣେ ସଫଳ ସ୍ରଷ୍ଟା। ତାଙ୍କ ହୃଦୟର ରୋମାଣ୍ଟିକ୍ ଭାବପ୍ରବଣତା ଓ ସୌନ୍ଦର୍ଯ୍ୟ ଉପଲବ୍ଧିର ବିହ୍ୱଳତା ଉପରୋକ୍ତ ରମଣୀୟ ଚିତ୍ରକଳ୍ପ ସୃଷ୍ଟିର ଉପାଦାନ ଯୋଗାଇଛି। ତେଣୁ, ସବୁଜ କବିତାରେ ପ୍ରଯୁକ୍ତ ଚିତ୍ରକଳ୍ପ ଗୁଡ଼ିକ ଏକ ଭାବରେ ସୌନ୍ଦର୍ଯ୍ୟ ଗର୍ଭିତ ଓ ହୃଦୟରଞ୍ଜକ।

## ଭାଷାବୈଚିତ୍ର୍ୟ :

କବିତା ଏକ ଶବ୍ଦଶିଳ୍ପ। କବିର ହୃଦୟ ମଧ୍ୟ ରୁସ୍ୱତଃସ୍ଫୁର୍ତ୍ତ ଭାବରେ ଯେଉଁ ସୌନ୍ଦର୍ଯ୍ୟବୋଧାତ୍ମକ ଶବ୍ଦଗୁଡ଼ିକ ସୃଷ୍ଟିହୁଏ, ତାହା ରୂପାନ୍ତରିତ ହୁଏ କବିତାରେ। କବି ଏହି ସଂସାରରେ ଅସଂଖ୍ୟ ଦୃଶ୍ୟ ସନ୍ଦର୍ଶନରେ କରେ। ସେହି ଦୃଶ୍ୟଗୁଡ଼ିକ ଭାବରେ ରୂପାନ୍ତରିତ ହୋଇ ତାର ହୃଦୟ ମଧ୍ୟ ରେ ସଂଗୁପ୍ତ ହୋଇଥାନ୍ତି। ସେପରି ଏହି ଜଗତର ସମସ୍ତ ପ୍ରକାର ଅର୍ଥ ଭିତ୍ତିକ ଶବ୍ଦ କବିର ଚେତନାର ସଂରକ୍ଷିତ ହୋଇ ରହିଥାଏ। ଉପରୋକ୍ତ ମହାନ୍ ଭାବ ଓ ଶବ୍ଦ ଗୁଡ଼ିକର ସଂସର୍ଗ ମଧ୍ୟ ରୁହିଁ କବିତା କଳା ସୃଷ୍ଟି ହୋଇଥାଏ। ଓଡ଼ିଆ ସବୁଜ କବିବୃନ୍ଦ ଉକ୍ତ ଭାବ ଓ ଶବ୍ଦକୁ ଉପଯୁକ୍ତ ଭାବେ ସମନ୍ୱିକ କରି ଅଭିବ୍ୟଂଜିତ କରୁଥିବା ସାର୍ଥକ କବି ତେବେ ଏହି ଯୁଗର କବିତାରେ ଭାଷାର କେଉଁ କେଉଁ ବୈଚିତ୍ର୍ୟ ନିହିତ ତାକୁ ଆଲୋଚନା କରାଯାଉଛି।

ସବୁଜ କବିତାରେ ପ୍ରଯୁକ୍ତ ଭାଷାର ମୁଖ୍ୟ ସ୍ୱରୂପ ହେଉଛି ବର୍ଣ୍ଣନାତ୍ମକ ଭାଷା। ସବୁଜ କବିମାନେ ହେଉଛନ୍ତି ମୁଖ୍ୟତଃ ରୋମାଣ୍ଟିକ୍ କବି। କଳ୍ପନା ବିଳାସ ଓ ଭାବ ସମ୍ବେଗ ଦୃଷ୍ଟିରୁ ତାଙ୍କ କବିତାର ଭାଷା ହୋଇଉଠିଛି ବର୍ଣ୍ଣନାତ୍ମକ। କବି ବୈକୁଣ୍ଠନାଥଙ୍କ 'ରୂପକଥା' କବିତାରୁ ଏହାର ଏକ ଉଦାହରଣ ନିଆଯାଇପାରେ –

"କଜଳ ଦୂର ମେଘ ନୀରବ ଆଖି ତାର କଜଳ
କୋମଳ ଶ୍ୟାମ ଘାସେ ଶିଶିରବିନ୍ଦୁ ସମ ସଜଳ
କଜଳ ବେଣୀ ଗୋଟି

ହେଳାରେ ପଡ଼େ ଲୋଟି
ଅଧରୁ ତଥାପି ପଡ଼େ ରକତ
ବଧୁଲି ଲାଜେ ମରେ ନିରତ।"

କବି ଅନ୍ନଦଦାଶଙ୍କର, କାଳିନ୍ଦୀଚରଣ ପ୍ରମୁଖଙ୍କ କବିତାଗୁଡ଼ିକରେ ମଧ ଏହି ପ୍ରକାର ଭାଷାର ଭୁରି ଭୁରି ଦୃଷ୍ଟାନ୍ତ ମିଳେ।

ବ୍ୟାଖ୍ୟାତ୍ମକ ବା ବିଶ୍ଳେଷଣାତ୍ମକ ଭାଷା ସବୁଜ କବିମାନେ ଯେତେବେଳେ ମଣିଷର ଜଞ୍ଜାଳପୂର୍ଣ୍ଣ ଜୀବନକୁ ବିଶ୍ଳେଷଣ କରିଛନ୍ତି, ସେତେବେଳେ ଏହି ପ୍ରକାର ଭାଷାର ପ୍ରୟୋଗ କରିଛନ୍ତି। କବି ଅନ୍ନଦାଶଙ୍କରଙ୍କ 'କମଳ ବିଳାସୀର ବିଦାୟ' କବିତାରୁ ଏହି ଉଦାହରଣ ନିଆଯାଇପାରେ –

"ଶତସ୍ୱରେ ଡାକେ ବିଶ୍ୱ ଡାକେ ଗ୍ରହ ତାରା
ଡାକେ ମୋତେ ଅନନ୍ତ ଜଳଧି କଳରୋଳ
କେମନ୍ତେ ରହିବି କହ ସ୍ନେହର ଏ କାରା
କକ୍ଷେ ଅଳସ ସ୍ୱପନ ବକ୍ଷେ ହୋଇ ଭୋଳ।"

ଭୌତିକ ଓ ନିଛକ ଓଡ଼ିଆ ଭାଷାର ପ୍ରୟୋଗ ସବୁଜ କବିତାରେ ପ୍ରଯୁକ୍ତ ଭାଷାର ଅନ୍ୟତମ ଲକ୍ଷ୍ୟଣ। ସବୁଜ କବିବୃନ୍ଦ ଯେତେବେଳେ ବାସ୍ତବ ମଣିଷ ଜୀବ ଓ ସମାଜର କଥା କହିଛନ୍ତି, ସେତେବେଳେ ଏହି ଭଳି ଭାଷାର ପ୍ରୟୋଗ କରିଛନ୍ତି। କବି କାଳିନ୍ଦୀଚରଣଙ୍କ 'କିଏ ଶଳା ସଇତାନ୍' କବିତାରୁ ଏହାର ଏକ ଉଦ୍ଧୃତି ହୋଇଛି।

"ବିଲେଇ କୁକୁର ଶୁଣାଅଛି ଦିନେ
ବୁଝେ ମାନ ଅପମାନ
ମଣିଷ ବି ଦିନେ ନ ପାରିବ ବୁଝି
କିଏ ଶଳା ସଇତାନ।"

ସଙ୍ଗୀତ ସୃଷ୍ଟିକ୍ଷମ ଭାଷା ମାଧ୍ୟମରେ ଭାବପ୍ରକାଶ ସବୁଜ କବିତାର ଭାଷାର ଅନ୍ୟତମ ବୈଶିଷ୍ଟ୍ୟ। ଏହ ଯୁଗର କବିବୃନ୍ଦ ଶବ୍ଦକୁ ଏଭଳି ଭାବରେ ସଂଯୋଜନା କରିଥାନ୍ତି, ଯାହାକି ସଂଗୀତର ଅନୁରଣନ ସୃଷ୍ଟି କରିଥାଏ। ଅନ୍ନଦାଶଙ୍କରଙ୍କ 'ସୃଜନ ସ୍ୱପ୍ନ' କବିତାରେ ପ୍ରଯୁକ୍ତ ହୋଇଛି –

"କୋକିଳ କୁହୁ ମଧୁର ରତ
ଯେ ଗୀତ ଗାଏ ବନେ ମରୁତ
ଯେ ଗୀତ ଗାଏ ନିର୍ଝର
ଜଗତେ ଯେତେ ସ୍ୱରଚତୁରୀ
ସଙ୍ଗୀତର ଯେତେ ମାଧୁରୀ
କଣ୍ଠେ ଦେବି ତୋହରି।"

ସବୁଜ କବିବୃନ୍ଦ ଥିଲେ ଜଣେ ଜଣେ ତନ୍ମୟ ଶିଳ୍ପୀ । ଉଦଗ୍ର ଭାବ ପ୍ରବଣତା ଓ କଳ୍ପନା ବିଳାସର ଉଦ୍‌ବର୍ତ୍ତନ ଘଟିଛି ତାଙ୍କ କବିତା ଗୁଡ଼ିକରେ । ତଦନୁଯାୟୀ ସେମାନଙ୍କ ଭାଷା ହୋଇଉଠିଛି ସୌନ୍ଦର୍ଯ୍ୟାତ୍ମକ ଓ ହୃଦୟରଞ୍ଜନକାରୀ । ଏହି କବିବୃନ୍ଦ ଅତି ଚମତ୍କାର ଭାବେ ଓଡ଼ିଆ ଭାଷାକୁ କବିତାର ସୌନ୍ଦର୍ଯ୍ୟାତ୍ମକ ବନ୍ଧନ ମଧ୍ୟ ରେ ଆବଦ୍ଧ କରିଛନ୍ତି । ତେଣୁ, ସବୁଜ କବିତାରେ ଭାଷା - ପ୍ରୟୋଗର ବୈଚିତ୍ର୍ୟ ଏକାନ୍ତ ଉଲ୍ଲେଖନୀୟ ।

## ୧.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।**

(କ) ନନ୍‌ସେନ୍‌ସ କ୍ଲବ୍

(ଖ) ଅବକାଶ ପତ୍ରିକା

(ଗ) ବୈକୁଣ୍ଠ ନାଥ

(ଘ) କାଳିନ୍ଦୀ ଚରଣ

(ଙ) ଅନ୍ନଦାଶଙ୍କର

(ଚ) ଶରତଚନ୍ଦ୍ର

(ଛ) ହରିହର ମହାପାତ୍ର

(ଜ) ସବୁଜ କବିତାର ଛନ୍ଦ

(ଝ) ସବୁଜ କବିତାରେ ରୋମାଣ୍ଟିକତା

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

(କ) ସବୁଜ କବିତାର ପୃଷ୍ଠଭୂମି ଦର୍ଶାଇ ସବୁଜ ଯୁଗର କବିମାନଙ୍କ ପରିଚୟ ପ୍ରଦାନ କର ।

(ଖ) ସବୁଜ କବିତାର ଆତ୍ମିକ ଦିଗ ସମ୍ପର୍କରେ ଆଲୋଚନା କର ।

(ଗ) ସବୁଜ କବିତାର ଆଙ୍ଗିକ ଦିଗ ସମ୍ପର୍କରେ ଆଲୋକପାତ କର ।

## ୧.୬ ସହାୟକ ଗ୍ରନ୍ଥସୂଚୀ


- ଦାଶ, ଡ. କୁଞ୍ଜବିହାରୀ - (୧୯୭୮) 'ସାହିତ୍ୟ ଏକ ଆଲୋକ ଆଲୋକନ'-ଓଡ଼ିଶା ବୁକ୍‌ଷ୍ଟୋର୍ସ, କଟକ ।
- ନାଥ, ଡ. ପୁଷ୍ପାରାଣୀ - (୨୦୧୨)- ସବୁଜ ସାହିତ୍ୟ : ବିଭାଗ ବ୍ୟାପ୍ତି ପ୍ରବାହ, ଗୋବିନ୍ଦପୁର, କଟକ ।
- ପଣ୍ଡା, ଡ. ହୃଷୀକେଶ - (୧୯୮୮) ରବୀନ୍ଦ୍ର ସମକାଳୀନ ଓଡ଼ିଆ କବିତା - ଓଡ଼ିଶା ବୁକ୍‌ଷ୍ଟୋର, କଟକ ।
- ପାଢ଼ୀ, ଡ. ପ୍ରମୋଦ କୁମାର (୨୦୦୬) ସବୁଜ କବିତାର ରୂପବିଭବ ଶ୍ୟାମା ପ୍ରକାଶନୀ, ପଦ୍ମପୁର ।
- ବିଶ୍ୱାଳ, ଡ. ସ୍ନିଗ୍ଧା - (୨୦୦୪) ସବୁଜ କବିତା ଓ କବି ବୈକୁଣ୍ଠ ନାଥ, ବିଦ୍ୟାପୁରୀ, କଟକ ।
- ଶତପଥୀ, ଡ. ନିତ୍ୟାନନ୍ଦ - (ପଞ୍ଚମ ସଂ. ୨୦୧୧)- ସବଳ ସାମ୍ପ୍ରତିକ - ଗ୍ରନ୍ଥମନ୍ଦିର କଟକ

# ଦ୍ୱିତୀୟ ଏକକ : ପ୍ରଗତି କବିତାର ଧାରା

**ବିଷୟ ଗଠନ :**


୨.୧ ପଠନର ଉଦ୍ଦେଶ୍ୟ

୨.୨ ଶିକ୍ଷଣୀୟ ବିଷୟ

୨.୩ ବିଷୟ ପ୍ରବେଶ

୨.୪ ପ୍ରଗତିବାଦୀ କବିତାର ପୃଷ୍ଠଭୂମି

୨.୪.୧ ପ୍ରଗତିବାଦୀ କବିବୃନ୍ଦ

୨.୪.୨ ପ୍ରଗତିବାଦୀ କବିତାର ଆତ୍ମିକଦିଗ

୨.୪.୩ ପ୍ରଗତିବାଦୀ କବିତାର ଆଙ୍ଗିକଦିଗ

୨.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୨.୬ ସହାୟକ ଗ୍ରନ୍ଥସୂଚୀ


## ୨.୧ ପଠନର ଉଦ୍ଦେଶ୍ୟ

ଓଡ଼ିଆ ସବୁଜ ସାହିତ୍ୟ ସମକାଳ ତଥା ପରବର୍ତ୍ତୀ କିଛି ସମୟ ପର୍ଯ୍ୟନ୍ତ କବିତାର ଯେଉଁ ନୂତନ ଧାରା ଦେଖାଯାଇଥିଲା ତାହା 'ପ୍ରଗତିବାଦୀ କାବ୍ୟଧାରା' ବା ପ୍ରଗତି କବିତାର ଧାରା ରୂପେ ପରିଗଣିତ ହୋଇଥାଏ। ସାଧାରଣତଃ ସାହିତ୍ୟର ସହୃଦୟ ପାଠକମାନେ ଗୋଟିଏ ନିର୍ଦ୍ଦିଷ୍ଟ "ଭୌଗୋଳିକ ଭୂଖଣ୍ଡ ମଧ୍ୟ ରେ ବିଭିନ୍ନ ସମୟରେ ଯେଉଁ ସାହିତ୍ୟିକ ଧାରାର ପରିବର୍ତ୍ତନ ଘଟିଥାଏ, ସେ ସମ୍ପର୍କରେ ଅବଗତ ହେବା ଏକାନ୍ତ ବାଞ୍ଛନୀୟ। କାରଣ, ପରିବର୍ତ୍ତନ ହେଉଛି ସାଧାରଣତଃ ଗୋଟିଏ ନିର୍ଦ୍ଦିଷ୍ଟ ସାହିତ୍ୟର ନିୟମ। ତା'ରି ମାଧ୍ୟମରେ ସେହି ସାହିତ୍ୟର ବିକାଶକୁ ଆକଳନ କରାଯାଇଥାଏ। ପ୍ରଗତିବାଦୀ କବତାର ସମକାଳରେ ସବୁଜ କବିତାର ଧାରା ପରିବର୍ତ୍ତି ଓ ପରିବର୍ତ୍ତନ ହୋଇଥିଲା। ଏହି କବିତା ମଧ୍ୟ ରେ ଓଡ଼ିଆ ସାହିତ୍ୟର ପାଠକମାନେ ଭିନ୍ନ ସ୍ୱାଦ ଅନୁଭବ କରିଥିଲେ। ପରିମାଣରେ ସ୍ୱଳ୍ପ ହେଲେ ମଧ୍ୟ ଏହି କବିତା ସମସାମୟିକ ଓଡ଼ିଆ ପାଠକ ମନକୁ ଗଭୀର ଭାବରେ ପ୍ରଭାବିତ କରିଥିଲା। ଆବେଗାତ୍ମକ ଓ କଳ୍ପନାପୂର୍ଣ୍ଣ ଗଗନରେ ଉଡ୍‌ଡୀୟମାନ କବିର ମନ ଏହି ଧୂଳି ଧୂସରିତ ପୃଥିବୀକୁ ଫେରି ଆସିଥିଲା। ସାଧାରଣ ମାନବର ଦୁଃଖକୁ ସେ ଆପଣାର ଦୁଃଖ ବୋଲି ମନେ କରିଥିଲା। ସେ ସ୍ୱତଃ ମଣିଷର ଦୁଃଖ ଓ ଯନ୍ତ୍ରଣାରେ ସହାନୁଭୂତିଶୀଳ ହୋଇଥିଲା। କବିତାରେ ନିହିତ ଏହି ଚିନ୍ତାଧାରା ସ୍ୱାଭାବିକ ଭାବେ ପାଠକ ହୃଦୟରେ ସୃଷ୍ଟି କରିଥିଲା ଭିନ୍ନ ଭାବସ୍ପନ୍ଦନ। ତେଣୁ, ଓଡ଼ିଆ କବିତା ଜଗତରେ ଯେଉଁ ବୈପ୍ଲବିକ ଭାବନା ସୃଷ୍ଟି ହୋଇଥିଲା, ତାହା ଏକ ଭିନ୍ନ ଅଧ୍ୟୟନର ବିଷୟ।

## ୨.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀମାନେ ନିମ୍ନଲିଖିତ ଜ୍ଞାନ ଆହରଣ କରିପାରିବେ।

- ପ୍ରଗତିବାଦୀ କବିତାର ପୃଷ୍ଠଭୂମି
- ପ୍ରଗତିବାଦୀ କବିବୃନ୍ଦ
- ପ୍ରଗତିବାଦୀ କବିତାର ଆତ୍ମିକ ଦିଗ
- ପ୍ରଗତିବାଦୀ କବିତାର ଆଙ୍ଗିକ ଦିଗ

## ୨.୩ ବିଷୟ ପ୍ରବେଶ

୧୯୩୬ ମସିହାଠାରୁ ଆରମ୍ଭ କରି ୧୯୪୭ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ଯେଉଁ କବିତାର ଯୁଗ ଦେଖାଯାଇଥିଲା ତାହା 'ପ୍ରଗତି ଯୁଗ' ଭାବରେ ପରିଚିତ ସାହିତ୍ୟିକ ପରିବର୍ତ୍ତନର ବିଭିନ୍ନ ନିୟମ ଅନୁଯାୟୀ ଏହି ଯୁଗ ପ୍ରତିଷ୍ଠା ଲାଭ କରିଥିଲା। ବସ୍ତୁତଃ, ଏହି କାଳରେ ସମଗ୍ର ବିଶ୍ୱ ମୂଲ୍ୟବୋଧ ଜଗତରେ ଯେଉଁ ନୂତନ ନୂତନ ଚିନ୍ତାଧାରା ଦେଖାଯାଇଥିଲା, ତାକୁ ଭିତ୍ତିକରି ବିଶ୍ୱ ସାହିତ୍ୟର କବିବୃନ୍ଦ କବିତା ରଚନା କରିବା ପାଇଁ ପ୍ରୟାସ କରିଥିଲେ। ସେହି ଧାରା କ୍ରମ ବିବର୍ତ୍ତନରେ ଏହି କାଳର ଓଡ଼ିଆ କବି ଚେତନାକୁ ପ୍ରଭାବିତ କରିଥିଲା। ଓଡ଼ିଆ କବିମାନେ ମଧ୍ୟ ସେହି ନୂତନ ନୂତନ ଚିନ୍ତାଧାରାକୁ ଗ୍ରହଣ କରି କବିତା ରଚନା ମନୋନିଷ କରିଥିଲେ। 'ନୂତନ' କୁ ସର୍ବଦା 'ପ୍ରଗତି' ଭାବରେ ଗ୍ରହଣ କରାଯାଇଥାଏ। ତେଣୁ, ଏହି ଯୁଗକୁ ଓଡ଼ିଆ ସାହିତ୍ୟର ଐତିହାସିକ ବୃନ୍ଦ 'ପ୍ରଗତି' ଯୁଗ ଭାବରେ ଗ୍ରହଣ କରିଛନ୍ତି।

## ୨.୪ ପ୍ରଗତିବାଦୀ କବିତାର ପୃଷ୍ଠଭୂମି

ଓଡ଼ିଆ ସାହିତ୍ୟରେ ପ୍ରଗତିଚେତନା ସୃଷ୍ଟି ହେବାର କିଛି ବର୍ଷ ପୂର୍ବରୁ ସବୁଜ କବିତାର ଧାରା ଥିଲା। କଳ୍ପନାଶୀଳତା, ଆବେଗ ପ୍ରବଣତା ଇତ୍ୟାଦି ଥିଲା। ଏହି କବିତାର ବୈଶିଷ୍ଟ୍ୟ। ଏହି ସମୟଖଣ୍ଡ ସମଗ୍ର ବିଶ୍ୱ ଜଗତରେ ସଂଘଟିତ ହୋଇ ଥିଲା କେତେକ ବିପ୍ଳବ ସୃଷ୍ଟିକାରୀ ଘଟଣା। ପ୍ରଥମତଃ ପ୍ରଥମ ବିଶ୍ୱମହାଯୁଦ୍ଧ (୧୯୧୪-୧୮) ସମଗ୍ର ବିଶ୍ୱରେ ସୃଷ୍ଟି କରିଥିଲା ଭୟାବହ ତାଣ୍ଡବ। ପୃଥିବୀର ଶକ୍ତିଶାଳୀ ରାଷ୍ଟ୍ରମାନଙ୍କ ଶକ୍ତିର ପ୍ରଦର୍ଶନ ସହିତ ମୃତ୍ୟୁର ବିଭୀଷିକା ମାନବ ଚେତନାରେ ସୃଷ୍ଟି କରିଥିଲା ଭୟର ଆତଙ୍କ। ଏହି କାଳରେ ବିଶିଷ୍ଟ ଦାର୍ଶନିକ Sigmund Freudu ମନସ୍ତାତ୍ତ୍ୱିକ ଦର୍ଶନ ମଣିଷର ଚେତନା ରାଜ୍ୟରେ ଗଭୀର ରେଖାପାତ କରିଥିଲା। ଏହା ବ୍ୟତିରେକେ ବାସ୍ତବ ବାଦ (Realism) ଓ ଅତି ବାସ୍ତବବାଦ (Sur-realism) ସାହିତ୍ୟ ଜଗତରେ ସୃଷ୍ଟି କରିଥିଲା ତୁମୁଳ ଆଲୋଡ଼ନ।

ଉକ୍ତ ସମୟଖଣ୍ଡ ମଧ୍ୟ ରେ ଋଷ୍ର ଅଗଷ୍ଟ ବିପ୍ଳବ ଓ କାର୍ଲମାର୍କସ୍‌ଙ୍କ ପ୍ରବର୍ତ୍ତିତ ସାମ୍ୟବାଦୀ ଦର୍ଶନ ବିଶ୍ୱ ଚେତନାକୁ ଗଭୀର ଭାବରେ ପ୍ରଭାବିତ କରିଥିଲା। କାର୍ଲମାର୍କସ୍ ତାଙ୍କ ଦର୍ଶନରେ କହିଥିଲେ ଯେ, ଏହି ସମଗ୍ର ସଂସାରରେ ମଣିଷ ମଣିଷ ମଧ୍ୟ ରେ ଯେଉଁ ସମଷ୍ଟି ରହିଛି, ତାହା ହେଉଛି ଉତ୍ପାଦନଗତି ସମ୍ପର୍କ (productive

relation)। ଏହି ସମ୍ପର୍କ ମଣିଷ ମଧ୍ୟ ରେ ସୃଷ୍ଟି କରିଥାଏ ତୀବ୍ର ବୈଷମ୍ୟ ଏଥିଯୋଗୁଁ ସମାଜରେ ସାଧାରଣତଃ ଦୁଇଟି ଗୋଷ୍ଠୀ ସୃଷ୍ଟି ହୋଇଥାନ୍ତି। ଯଥା-ଶୋଷକ (ବୁର୍ଜୁଆ) ଓ ଶୋଷିତ (ପ୍ରୋଲେଟାଏରିଏଟ୍)। ଶୋଷକ ମାନଙ୍କୁ ସର୍ବଦା ଶୋଷିତ ମାନଙ୍କ ଲାଞ୍ଛିତ ଓ ନିଷ୍ପେଷିତ କରିଥାନ୍ତି ଓ ଶୋଷିତମାନେ ସର୍ବଦା ନିଜର କାର୍ଯ୍ୟଦାବୀ ପାଇଁ ସଂଘର୍ଷ କରିଥାନ୍ତି। ସେହି ସଂଘର୍ଷ ହେଉଛି ଚିରନ୍ତନ। ମାର୍କସଙ୍କ ପ୍ରବର୍ତ୍ତିତ ଏହି ଚିନ୍ତାଧାରା ସମଗ୍ର ବିଶ୍ୱ ସାହିତ୍ୟ ଚେତନାକୁ ପ୍ରଭାବିତ କରିଥିଲା ଓ ସମୟକ୍ରମେ ଏହା ଓଡ଼ିଆ ସାହିତ୍ୟମାନଙ୍କୁ ମଧ୍ୟ ପ୍ରଭୂତ ଭାବେ ପ୍ରଭାବିତ କଲା।

ଉକ୍ତ ଉପାଦାନଗୁଡ଼ିକର ପ୍ରଭାବ ଓ ପାରମ୍ପରିକତା ପରିବର୍ତ୍ତନ ଯୋଗୁଁ ଯେଉଁ ନୂତନ ସାହିତ୍ୟିକ ଯୁଗ ସୃଷ୍ଟି ଲାଭ କରିଥିଲା, ତାହା 'ପ୍ରଗତିଯୁଗ' ଭାବେ ବିବେଚିତ ହେଲା। ଏହି ଯୁଗ ସୃଷ୍ଟିର ମୁଖ୍ୟ ଆଧାର ଥିଲା 'ନବଯୁଗ ସାହିତ୍ୟ ସଂସଦ'ର ପ୍ରତିଷ୍ଠା ବିଶିଷ୍ଟ ସାହିତ୍ୟିକ ଭଗବତୀ ଚରଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ୧୯୩୬ ମସିହାରେ ଏହି ସାହିତ୍ୟ ସଂସଦର ପ୍ରତିଷ୍ଠା ହୋଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପ୍ରଗତି ଚେତନାର ବାର୍ତ୍ତାର ସମ୍ପ୍ରସାରଣ। ଏହି ସଂସଦ ଅନୁକୂଲ୍ୟରୁ 'ଆଧୁନିକ' ଶୀର୍ଷକ ଏକ ପତ୍ରିକା ପ୍ରକାଶିତ ହୋଇଥିଲା। ଭଗବତୀ ଚରଣ ଏହି ପତ୍ରିକା ସମ୍ପାଦନା କରିଥିଲେ। ସମକାଳୀନ ଅନେକ କବି ଏହି ସଂସଦ ସହିତ ସଂଶ୍ଳିଷ୍ଟ ହୋଇ ଅନେକ ପ୍ରଗତିଶୀଳ କବିତା ରଚନା କଲେ ଓ ଏହି ଯୁଗର ଭିତ୍ତି ସୁଦୃଢ଼ କରିଥିଲେ।

## ୨.୪.୧ ପ୍ରଗତିବାଦୀ କବିବୃନ୍ଦ

ଭଗବତୀ ଚରଣ ପାଣିଗ୍ରାହୀଙ୍କ ସହିତ ସମକାଳୀନ କେତେକ କବି ସମନ୍ୱିତ ହୋଇ ପ୍ରଗତିବାଦୀ ଚେତନାକୁ ଗ୍ରହଣ ପୂର୍ବକ କବିତା ରଚନା ପାଇଁ ପ୍ରୟାସ କରିଥିଲେ। ସେହି କବିମାନଙ୍କ ସମ୍ୟକ୍ ପରିଚୟ ନିମ୍ନରେ ପ୍ରଦତ୍ତ ହେଉଅଛି।

**ସଚ୍ଚିଦାନନ୍ଦ ରାଉତରାୟ :**

ପ୍ରଗତିବାଦୀ ଯୁଗର ପ୍ରାଣ ପ୍ରତିଷ୍ଠାତା ହେଉଛନ୍ତି କବି ସଚ୍ଚିଦାନନ୍ଦ ରାଉତରାୟ। ସେ ଉକ୍ତ ସମୟ ଖଣ୍ଡର ଚେତନାକୁ ଗ୍ରହଣ ପୂର୍ବକ ୧୯୩୬ ମସିହାରେ 'ଚିତ୍ରଗ୍ରୀବ' ନାମକ ଏକ ଉପନ୍ୟାସ ରଚନା କରିଥିଲେ। ଏହି ଉପନ୍ୟାସରେ ତାଙ୍କ ବୈପ୍ଳବିକ ଚିନ୍ତା ଚେତନା ଓ ପ୍ରଗତିଶାଳୀ ଦୃଷ୍ଟିଭଙ୍ଗୀର ପରିଚୟ ମିଳିଥିଲା। ପରବର୍ତ୍ତୀ କାଳରେ ସେ ଓଡ଼ିଆ କବିତାକୁ ମଧ୍ୟ ରୋମାଣ୍ଟିକ୍ ଚେତନାର ବଳୟରୁ ମୁକ୍ତ କରି ନୂତନ ରୂପ ପ୍ରଦାନ କରିଥିଲେ। ତାଙ୍କ କବିତା ଗୁଡ଼ିକ ମଧ୍ୟ ରେ ପରିଲକ୍ଷିତ ହୋଇଥିଲା ଶୋଷିତର ଦୁଃଖ, ଯନ୍ତ୍ରଣା, ନୈରାଶ୍ୟ ଓ ଶୋଷକ ବିରୋଧରେ ସଂଘର୍ଷର ସ୍ୱର। ସର୍ବହରାର ଯନ୍ତ୍ରଣା ଜର୍ଜରିତ ଅନୁଭୂତିକୁ ସେ ଅତ୍ୟନ୍ତ ଜୀବନ୍ତ ଭାବେ ରୂପ ପ୍ରଦାନ କରିଥିଲେ। ତାଙ୍କର ଏହି ଧର୍ମୀ କବତାଗୁଡ଼ିକ ସଙ୍କଳିତ ହୋଇଛି ବାଜିରାଉତ (୧୯୪୧), ପାଣ୍ଡୁଲିପି (୧୯୪୬) କବିତା ୧୯୬୨ ଇତ୍ୟାଦି କବିତାଗୁଚ୍ଛ ମଧ୍ୟ ରେ ତାଙ୍କ ଏହି ଉଦ୍ୟମ ଓଡ଼ିଆ କବିତା ରାଜ୍ୟରେ ସୃଷ୍ଟି କରିଥିଲା। ଭିନ୍ନ ଭାବସ୍ଖଳନ ପରବର୍ତ୍ତୀ କାଳରେ ଅବଶ୍ୟ ତାଙ୍କ କବିତାର ସ୍ୱର ପରିବର୍ତ୍ତିତ ହୋଇଥିଲା; ମାତ୍ର ଉକ୍ତ କବିତା ଗୁଡ଼ିକରେ ନିହିତ ଭାବ ସମୂହ ଓଡ଼ିଶା କବିତା ରାଜ୍ୟରେ ପ୍ରଗତି ଚେତନାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲା।

## ଅନନ୍ତ ପଟ୍ଟନାୟକ (୧୯୧୩) :

ପ୍ରଗତି ଯୁଗର ଅନ୍ୟତମ ସାହିତ୍ୟରଥୀ ହେଉଛନ୍ତି କବି ଅନନ୍ତ ପଟ୍ଟନାୟକ। ସେ ଛାତ୍ର ଜୀବନରୁ ସ୍ୱାଧୀନତା ସଂଘର୍ଷରେ ଯୋଗଦାନ କରିଥିଲେ। ଅନ୍ୟାୟ ବିରୋଧରେ ଯୁଦ୍ଧ ଘୋଷଣା ମଧ୍ୟ ରୁହିଁ ତାଙ୍କ ସାହିତ୍ୟିକ ବ୍ୟକ୍ତିତ୍ୱ ବିକଶିତ ହୋଇଥିଲା। ତେଣୁ, ଏହି କାଳରେ ସୃଷ୍ଟି ହୋଇଥିଲା ବିପ୍ଳବାତ୍ମକ ଦୃଷ୍ଟିଭଙ୍ଗୀକୁ ହିଁ ଉପଜୀବ୍ୟ କରି ସେ କବିତା ରଚନା ପାଇଁ ପ୍ରୟାସ କରିଥିଲେ। ତାଙ୍କର 'ରକ୍ତଶିଖା' (୧୯୩୦), 'ତର୍ପଣ କରେ ଆଜି' (୧୯୪୮), 'ଶାନ୍ତିଶିଖା' (୧୯୫୨) ଇତ୍ୟାଦି କବିତା ଗ୍ରନ୍ଥ ମଧ୍ୟ ରେ ସନ୍ନିବେଶିତ ହୋଇଛି ତାଙ୍କ ପ୍ରଗତିଶୀଳ କବିତା ସମୂହ। ସାମ୍ୟବାଦୀ ଚେତନା, ମାର୍କସୀୟ ଚିନ୍ତାଧାରା ଇତ୍ୟାଦିର ଅନୁବର୍ତ୍ତନ ଯୋଗୁଁ ତାଙ୍କ କବିତା ସ୍ୱର ତୀବ୍ର ଓ ବିପ୍ଳବାତ୍ମକ ହୋଇଅଛି। ତେଣୁ, ପ୍ରଗତିବାଦୀ ସାହିତ୍ୟର ବିକାଶରେ ତାଙ୍କର ଭୂମିକା ଉଲ୍ଲେଖନୀୟ।

## ମନମୋହନ ମିଶ୍ର (୧୯୨୪) :

ମାର୍କସବାଦୀ ଚିନ୍ତାଧାରା ଓ ସାମ୍ୟବାଦୀ ଦୃଷ୍ଟିଭଙ୍ଗୀକୁ ଉପଜୀବ୍ୟ କରି କବି ମନମୋହନ ମିଶ୍ରଙ୍କ କବିତାର ଭାବଭୂମି ପ୍ରତିଷ୍ଠିତ ହୋଇଅଛି। ବସ୍ତୁତଃ ଗଣମୁକ୍ତି ଆନ୍ଦୋଳନର ପ୍ରଖର ଓ ତୀବ୍ର ସ୍ୱର ଶୁଣିବାକୁ ମିଳେ ତାଙ୍କ କବିତାରେ। ଶୋଷଣର ଚକ୍ରବ୍ୟୁହ ମଧ୍ୟ ରୁଗଣ ଚେତନାକୁ ମୁକ୍ତ କରିବା ପାଇଁ ସେ ସର୍ବହରାମାନଙ୍କୁ ଆହ୍ୱାନ ଦେଇଛନ୍ତି ତାଙ୍କ କବିତା ଗୁଡ଼ିକରେ। ତାଙ୍କ 'କୋଟିକଣ୍ଠେ', 'ଆବାଜ', 'ନୂଆ ଗପଟିଏ ଲେଖ', 'ଜନତାର ଜୟଗାନ' ଇତ୍ୟାଦି କବିତା ଗୁଚ୍ଛରେ ତାଙ୍କ କବିତ୍ୱ ଶକ୍ତିର ଯଥାର୍ଥ ପରିଚୟ ମିଳିଥାଏ।

## ଲକ୍ଷ୍ମୀଧର ନାୟକ :

ମାର୍କସୀୟ ବୈପ୍ଳବିକ ଚେତନାକୁ ଭିତ୍ତିକରି କବିତା ରଚନା କରିଥିବା ଅନ୍ୟତମ କବି ପ୍ରତିଭା ହେଉଛନ୍ତି ଲକ୍ଷ୍ମୀଧର ନାୟକ। ଲେଖନୀ ତାଙ୍କର ବହୁସ୍ରାବୀ, କବିତା, ଗଳ୍ପ, ଉପନ୍ୟାସ, ନାଟକ ପ୍ରତିଟି କ୍ଷେତ୍ରରେ ମନୋନିବେଶ କରି ସେ ଯଶସ୍ୱୀ ସ୍ରଷ୍ଟାର ଅଧିକାରୀ ହୋଇ ପାରିଛନ୍ତି। ମାତ୍ର ମାର୍କ୍ସବାଦୀ ଦର୍ଶନ ଓ ସାମ୍ୟବାଦୀ ଚେତନାର ଉଦ୍‌ଗାତା ଭାବେ ସେ ଓଡ଼ିଆ ସାହିତ୍ୟ ଜଗତରେ ବେଶ୍ ପରିଚିତ। ତାଙ୍କ 'ବିରହିଣୀ' ଅନ୍ୟାନ୍ୟ କବିତା, 'ଖୋଲାଝର୍କା', 'କ୍ୱଚିତ୍ ଜ୍ୟୋତ୍ସ୍ନା', 'ଉତ୍ତର ବସନ୍ତ' ଇତ୍ୟାଦି କବିତା ସଙ୍କଳନ ମଧ୍ୟ ରେ ସଙ୍କଳିତା କେତେକ କବିତାରେ ପ୍ରଗତିବାଦୀ ଚେତନାର ପରିଚୟ ମିଳିଥାଏ।

## ରଜନୀକାନ୍ତ ଦାସ (୧୯୧୭-୨୦୦୫) :

କବି ରଜନୀକାନ୍ତ ଦାସ ସାମ୍ୟବାଦୀ ଚେତନା ଭିତ୍ତି କରି ଅନେକ ବିପ୍ଳବଧର୍ମୀ କବିତା ରଚନା କରିଥିଲେ। ତାଙ୍କ କବିତାଗୁଡ଼ିକ 'ସଂଘର୍ଷ' ଓ 'ବିରଳ ମୃତ୍ତିକା' କବିତା ସଙ୍କଳନ ମଧ୍ୟ ରେ ସଙ୍କଳିତ ହୋଇଅଛି।

## ରଘୁନାଥ ଦାସ (୧୯୧୯-୧୯୮୪) :

ପ୍ରଗତିବାଦୀ ଚେତନାର ଅନ୍ୟତମ ସାରଥୀ ହେଉଛନ୍ତି କବି ରଘୁନାଥ ଦାସ। ତାଙ୍କ ବିପ୍ଳବାତ୍ମକ ଚିନ୍ତାଧାରା ହୋଇଥିଲା ଛାତ୍ର ଜୀବନରୁ। ଅନ୍ୟାୟ ବିରୋଧରେ ସଂଘର୍ଷ କରିବା ପାଇଁ ସେ ସତତ ପ୍ରୟାସ କରିଥିଲେ ଓ ଛାତ୍ର

ନେତା ଭାବରେ ପରିଚିତ ହୋଇଥିଲେ ତାଙ୍କ ସାମ୍ୟବାଦକୁ ଭିତ୍ତି କରି ରଚିତ ଅନେକ କବି 'ଶ୍ରୀ ଜଟାୟୁ' ଛଦ୍ମନାମରେ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହେଉଥିଲା। 'ଅଗଷ୍ଟ ପନ୍ଦର ଓ ଅନ୍ୟାନ୍ୟ କବିତା' ତାଙ୍କ ପ୍ରକାଶିତ କବିତା ସଙ୍କଳନ।

### ସୁନନ୍ଦକର (୧୯୨୭-୮୫) :

ପ୍ରଗତିବାଦୀ କବିତାର ଧାରାରେ ଶକ୍ତିଶାଳୀ କବି ସୁନନ୍ଦ କର ମାର୍କସୀୟ ଚେତନାକୁ ଆଧାର କରି ଅନେକ କବିତା ରଚନା କରିଛନ୍ତି। ସେ 'ଆଗାମୀ କାଲ' (୧୯୪୭) କବିତା ସଙ୍କଳନର ସଙ୍କଳକ। ଏହି କବିତାଗୁଚ୍ଛ ମଧ୍ୟ ରେ ପ୍ରକାଶିତ ତାଙ୍କର ତେର ଗୋଟି କବିତା ଗୁଡ଼ିକରେ ବିପ୍ଳବର ତୀବ୍ର ସ୍ୱର ଶୁଣାଯାଇଥାଏ। ଶୋଷଣ ଓ କଷଣରୁ ମଣିଷ ଜୀବନକୁ ମୁକ୍ତ କରିବା ପାଇଁ ସେ ଏ ଜଗତକୁ ଆହ୍ୱାନ ଦେଇଛନ୍ତି ତାଙ୍କ କବିତା ଗୁଡ଼ିକରେ। ତାଙ୍କ 'କଳ୍ପନା' ଓ 'ଉଦୟନ' କବିତା ଗୁଚ୍ଛ ପ୍ରଗତିବାଦୀ କାବ୍ୟ ଚେତନାର ସମୁଜ୍ଜ୍ୱଳ ଦୃଷ୍ଟାନ୍ତ।

### ଚକ୍ରଧର ରାଉତ (୧୯୨୫) :

କାବ୍ୟ ଜୀବନର ଆଦ୍ୟ କାଳରେ କବି ଚକ୍ରଧର ରାଉତଙ୍କ କବିତାଗୁଡ଼ିକ ପ୍ରକାଶିତ ହୋଇଥିଲା 'ଡଗର', 'ଶଙ୍ଖ' ଇତ୍ୟାଦି ପତ୍ରିକାରେ। ମାର୍କସ୍‌ବାଦୀ ଓ ସାମ୍ୟବାଦୀ ଦର୍ଶନକୁ ଆଧାର କରି ରଚିତ ତାଙ୍କ କବିତାରେ ଶୋଷିତ ମାନଙ୍କୁ ବିପ୍ଳବ ପାଇଁ ଦେଇଛନ୍ତି ଚରମ ଆହ୍ୱାନ। ତାଙ୍କ ଏହି ଧର୍ମୀ କବିତାଗୁଡ଼ିକ ସଙ୍କଳିତ ହୋଇଛି 'ଆଲୋକର ସ୍ୱାକ୍ଷର' ଓ 'ମେଘମୁକ୍ତ' ମନର କବିତା ମଧ୍ୟ ରେ।

### ଜୀବାନନ୍ଦ ଆଚାର୍ଯ୍ୟ (୧୯୨୧-୮୨) :

ପ୍ରଗତିବାଦୀ ଚେତନାର ଧାରାରେ ଅନ୍ୟତମ ଯଶସ୍ୱୀ କବି ହେଉଛନ୍ତି ଜୀବାନନ୍ଦ ଆଚାର୍ଯ୍ୟ ତାଙ୍କ ଆଦ୍ୟ ପର୍ଯ୍ୟାୟର କବିତା ଗୁଡ଼ିକରେ ବିପ୍ଳବାତ୍ମକ ଦୃଷ୍ଟିଭଙ୍ଗୀର ପରିଚୟ ମିଳିଥାଏ। ତାଙ୍କ 'ଜୀବନ ପଥେ' କବିତା। ସଙ୍କଳନରେ ନିହିତ ଅଭିଯାନ, 'ନୂଆ ସୃଷ୍ଟିର ପଥେ' ଇତ୍ୟାଦି କବିତା ଗୁଡ଼ିକ ମଧ୍ୟ ରେ ବିଦ୍ରୋହର ସ୍ୱର ଝଙ୍କାର ଶୁଣିବାକୁ ମିଳେ।

### ରବୀନ୍ଦ୍ରନାଥ ସିଂହ (ରବି ସିଂ) :

ପ୍ରଗତିବାଦୀ ଚେତନା କେବଳ ଚିତ୍ର ସମୟଖଣ୍ଡ ମଧ୍ୟ ରେ ସୀମିତ ନ ରହି ସ୍ୱାଧୀନତା ପରବର୍ତ୍ତୀ କାଳ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଅଛି। ଏହି କାଳର ଶକ୍ତିଶାଳୀ ବିପ୍ଳବୀ କବି ରୂପେ କବି ରବୀନ୍ଦ୍ରନାଥ ସିଂହ ବା ରବି ସିଂ ବେଶ୍ ପରିଚିତ। ସେ ବ୍ୟକ୍ତିଗତ ଜୀବନରେ ଆପଣାର ଅସ୍ତିତ୍ୱ ପାଇଁ ଅଜସ୍ର ସଂଘର୍ଷ କରିଛନ୍ତି। ସେହି ସଂଘର୍ଷପୂର୍ଣ୍ଣ ଜୀବନର ଅନୁଭୂତି ତାଙ୍କୁ ବିପ୍ଳବୀ କବି ଭାବେ ପରିଚିତ କରିଅଛି। ତାଙ୍କ ଦ୍ୱାରା ରଚିତ ଏହି ଧର୍ମୀ କବିତାଗୁଡ଼ିକ 'ପଥପ୍ରାନ୍ତର କବିତା', 'ଚରମ ପାତ୍ର', 'ଶିଥିଳ ବଲ୍‌ଗା', 'ଲାଲ୍ ପାଗୋଡ଼ାର ପ୍ରେତ', 'ଭ୍ରୁକୁଟି', 'ବିଦୀର୍ଣ୍ଣ', 'ପାଦଟୀକା', 'ଅପ୍ରୀତିକର କବିତା', 'ଜ୍ୱାଳାର ମାଳା', 'କ୍ଷତ', 'ବିଷବାଣୀ', 'ଝଡ଼', 'ଦୁର୍ଗମଗିରି', 'ସର୍ବହରା', 'ଅନାର୍ଯ୍ୟର ଚର୍ଯ୍ୟାପଦ', 'ତାରକାର ଲୁହ', 'ଅଗ୍ନିଦେବ', 'ଜମାନ୍‌ବନ୍ଦୀ', 'କେବଳ ସଂଗ୍ରାମ', 'ଭଙ୍ଗା ହାତରେ କବିତା', 'ଝଡ଼ ଗାନ୍ଧାର', 'ଲୋହିତ କ୍ରାନ୍ତି', 'ନବମ ସ୍ୱର୍ଗ', 'ପୃଥିବୀ ଟଳମଳ' ଇତ୍ୟାଦି କବିତା ପୁସ୍ତକରେ ସଙ୍କଳିତ ହୋଇଅଛି।

**ବ୍ରଜନାଥ ରଥ : (୧୯୩୭-୨୦୧୪) :**

ସାମ୍ପ୍ରତିକ ଓଡ଼ିଆ ସାହିତ୍ୟରେ ବୈଚିତ୍ର୍ୟପୂର୍ଣ୍ଣ କବିତା ରଚନା କରି ଯଶସ୍ୱୀ ହୋଇଥିବା କାବ୍ୟଶିଳ୍ପୀ ହେଉଛନ୍ତି ବ୍ରଜନାଥ ରଥ। ତାଙ୍କ ଅନେକ କବିତାରେ ନିହିତ ବୈପ୍ଳବିକ ସ୍ୱର ତାଙ୍କୁ ପ୍ରଗତିବାଦ କବି ରୂପେ ପରିଚିତ କରାଇଥାଏ। ତାଙ୍କ ଦ୍ୱାରା ରଚିତ କବିତା ଗୁଡ଼ିକ 'ନିଜସ୍ୱ ସଂଳାପ' 'ମରୁଗୋଲାପ' ଓ 'ଅନ୍ୟାନ୍ୟ କବିତା', 'ନିଃଶବ୍ଦ ପ୍ରତିବାଦ', 'ସଭ୍ୟତାର ମୁହଁ', 'ମନର ମାନଚିତ୍ର' ଇତ୍ୟାଦି କବିତାଗୁଡ଼ିକ ମଧ ରେ ସନ୍ନିବେଶିତ ହୋଇଅଛି।

## ୨.୪.୨ ପ୍ରଗତିବାଦୀ କବିତାର ଆତ୍ମିକଦିଗ

ସବୁଜ ଯୁଗର ରୋମାଣ୍ଟିକ୍ ଓ କଳ୍ପନା ବିଳାସୀ ଆଭିମୁଖ୍ୟକୁ ପରିବର୍ତ୍ତନ ଓ ପରିବର୍ଜନ ପୂର୍ବକ ଏହି ଯୁଗର କବବୃନ୍ଦ ନୂତନ ଆଦର୍ଶରେ ଦିକ୍ଷିତ ହୋଇଥିଲେ। ବସ୍ତୁତଃ ମାର୍କସ୍‌ଙ୍କ ପ୍ରବର୍ତ୍ତିତ ସାମ୍ୟବାଦୀ ଦର୍ଶନକୁ ଉପଜୀବ୍ୟ କରି ଏହି ସମୟ ଖଣ୍ଡର କବିବୃନ୍ଦ କବିତା ରଚନାର ପ୍ରୟାସ କରିଛନ୍ତି। ତେବେ ଏହି କାଳର କବିତାରେ କେଉଁ କେଉଁ ନିର୍ଦ୍ଦିଷ୍ଟ ଆତ୍ମିକ ଉପାଦାନ ରହିଛି ତାକୁ ନିମ୍ନରେ ଆଲୋଚନା କରାଯାଉଅଛି।

**ଶୋଷଣ ବିରୋଧରେ ବିଦ୍ରୋହ**

ପ୍ରଗତିବାଦୀ କବିମାନଙ୍କ କବିତାର ମୁଖ୍ୟ ଆତ୍ମିକ ସ୍ୱରୂପ ହେଉଛି ଶୋଷଣ ବିରୋଧୀ ଆନ୍ଦୋଳନ ଯେଉଁ ପୁଞ୍ଜିପତି ବା ଶୋଷକମାନେ ଖଟିଖିଆ ଶ୍ରମିକ ମାନଙ୍କ ଉପରେ ଶୋଷଣ କରୁଥିଲେ, ସେମାନଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି ଏହି ଯୁଗର କବିବୃନ୍ଦ। ମାର୍କସ୍‌ଙ୍କ ପ୍ରବର୍ତ୍ତିତ ଚିନ୍ତାଧାରା ଅନୁସାରେ, ଉତ୍ପାଦନଗତ ସମ୍ପର୍କ ଯୋଗୁଁ ଯେଉଁ ଶୋଷିତମାନେ ଶୋଷଣର ଜ୍ୱାଳାରେ ବ୍ୟତିବ୍ୟସ୍ତ ହୋଇଥାନ୍ତି, ସେମାନେ ସଂଗଠିତ ହୋଇ ସଂଘର୍ଷ କରନ୍ତି ଶୋଷକମାନଙ୍କ ବିରୋଧରେ। ସେହି ଆଦର୍ଶକୁ ଉପଜୀବ୍ୟ କରି ଏହି ଯୁଗର କବବୃନ୍ଦ କବିତା ରଚନା କରୁଥିବା ହେତୁ ସେମାନେ ମଧ ବିଦ୍ରୋହ କରିଛନ୍ତି ତଥାକଥିତ ପୁଞ୍ଜିପତି ମାନଙ୍କ ବିରୋଧରେ। କବି ସଚ୍ଚିଦାନନ୍ଦ ରାଉତରାୟ ତାଙ୍କ 'କହରେ ମୂଲିଆ ଜାତ' କବିତାରେ ସର୍ବହରାର ନାର୍ଯ୍ୟ ଦାବୀକୁ ଆପଣାର ଦାବୀ ମନେ କରି ବିଦ୍ରୋହ କରିଛନ୍ତି ଶୋଷକମାନଙ୍କ ବିରୋଧରେ। କବିଙ୍କ ଭାଷାରେ :-

ଚଷୀ ଓ ମୂଲିଆ ଯେ ଦେଶ ଗଢ଼ିଲେ
ନିଗାଡ଼ି ଦେହର ଝାଳ
ସେହି ଦେଶେ ଧନୀ ପରଦେଶୀ ଆସି
ଭୋଗ କଲେ ଏତେ କାଳ
ଯେ ମାଟି ଗଢ଼ିଲୁଁ ମିଶାଇ ମାଉଁସ
ଆମେରେ ସର୍ବହରା
ଆମରି ରକ୍ତେ ଉର୍ବର କଲୁଁ

ଏ ଯେଉଁ ସବୁଜ ଧରା
ସେ ଦେଶରେ ଏବେ ଆମେ ଭିକ୍ଷୁକ
ନିଜ ଘରେ ଆମେ ଦାସ
ଗଳାରେ ଆମର ବନ୍ଧନ ଦାଗ
ମୃତ୍ୟୁର ନାଗ ଫାଶ ।

ସେହିଭଳି ବିପ୍ଳବୀ କବି ଅନନ୍ତ ପଟ୍ଟନାୟକ ଏହି ସମାଜ ମଧ୍ୟ ରୁଶବ ଉପରେ ଛିଡ଼ା ହୋଇ ଅଟ୍ଟହାସ୍ୟ କରୁଥିବା ଶୋଷକ ଗୋଷ୍ଠୀଙ୍କ ସମ୍ପୂର୍ଣ୍ଣ ବିଧ୍ୱଂସ କରିଦେବା ପାଇଁ ରକ୍ତ ଶପଥ ଗ୍ରହଣ କରିଛନ୍ତି ତାଙ୍କ 'ରକ୍ତଶିଖା' ସଂକଳନ 'ଆମେ ମୂଲିଆର ଜାତି ଜାଗିବୁ' କବିତାରେ -

"ସଙ୍ଗୀନ ମୁନରେ ଏଇ ସରକାର
ଶୋଷେ ଆମ ରକ୍ତ ପୋଷେ ଜମିଦାର
ଆମର ଗୁହାରି ଆମ ହାହାକାର
ନ ଶୁଣାଇ ତାକୁ ଜାଣିବୁ ।"

ପ୍ରଗତି କବି ରଘୁନାଥ ଦାସ ମଧ୍ୟ ସମ୍ମିଳିତ ହୋଇ ଯାଇଛନ୍ତି ଶୋଷଣ ମୁକ୍ତିକର୍ମୀ ସର୍ବହରା ମାନବ ସହିତ । ତେଣୁ, ସେ ତାଙ୍କ ଶୋଷଣ ମଣିଷକୁ ଅନୁଭବ ପୂର୍ବକ ଗାଇ ଉଠିଛନ୍ତି -

"ଭୂଗୋଳର ଭେଦ ଭୁଲି
ଦେଶେ ଦେଶେ ଆମ ଅଭିଯାନ
ରକ୍ତଖିଆ ରାକ୍ଷସ ବିରୁଦ୍ଧେ,
କାହିଁ ଶୋଭାଯାତ୍ରା, କାହିଁ ଧର୍ମ ଘଟ କାହିଁ ଅବା ଯୁଦ୍ଧେ
ବିଶ୍ୱର ଜନତା ଆମେ ଆଜି ଏକପ୍ରାଣ,
ଲକ୍ଷ କୋଟି ଲୋକ ହାତେ ଏକ ହିଁ ନିଶାଚ
ରକ୍ତ ଭିଜା ନେତ,
ଏକ ହିଁ ଆଓ୍ୱାଜ୍ ଉଠେ ସାରା ବିଶ୍ୱେ । ଏକହି ସଙ୍କେତ" (ସଂଘାଇ)

ଏହିଭଳି ଏହି ଯୁଗର କବି ଲକ୍ଷ୍ମୀଧର ନାୟକଙ୍କ 'ବଞ୍ଚିତର ବ୍ୟଥା', ରଜନୀକାନ୍ତ ଦାସଙ୍କ 'ପ୍ରାଣର କବିତା', ସୁନ୍ଦରକରଙ୍କ 'ଆଗାମୀ କାଲି କବିତା ନଂ୨୮' ଚକ୍ରଧର ରାଉତଙ୍କ 'କଙ୍କାଳର ବାଣୀ' ଇତ୍ୟାଦି କବିତାରେ ମଧ୍ୟ ଶୋଷଣ ବିରୋଧୀ ଆପଣାର ବିଦ୍ରୋହର ସ୍ୱର ପରିଲକ୍ଷିତ ହୋଇଥାଏ ।

## ସଂଘର୍ଷ ପାଇଁ ଆହ୍ୱାନ :

ପ୍ରଗତିବାଦୀ କବବୃନ୍ଦ ଯେତେବେଳେ ସର୍ବହରାର ଦୁଃଖକୁ ଆପଣାର ହୃଦୟ ମଧ୍ୟ ରେ ଅନୁଭବ କରିଛନ୍ତି, ସେତେବେଳେ ତାଙ୍କ ମନ ଭିତରେ ସୃଷ୍ଟି ହୋଇଛି ତୀବ୍ର ବିପ୍ଳବର ଭାବନା । ତାଙ୍କ ଭିତରେ ଜାଗ୍ରତ ହୋଇଛି ଏକ ଦୃପ୍ତ ନେତୃତ୍ୱ । ତେଣୁ ଯେଉଁମାନେ ଦଳିତ, ଶୋଷିତ, ନିଷ୍ପେଷିତ ସେମାନେ ଅନେକ ଦୁଃଖ, କଷଣ ସହି ନୀରବରେ ନ ବସି ରକ୍ତରଞ୍ଜିତ ସଂଗ୍ରାମର ଭୂମିରେ ଅବତୀର୍ଣ୍ଣ ହେବା ପାଇଁ ଦୃପ୍ତ ଆହ୍ୱାନ ଦେଇଛନ୍ତି । ଏହା ଏହି ଯୁଗର କବିମାନଙ୍କ ଆତ୍ମିକ ବୈଶିଷ୍ଟ୍ୟରେ ପରିଣତ ହୋଇଅଛି ।

ଏହି ଯୁଗର ଯଶସ୍ୱୀ କବି ସଚ୍ଚିଦାନନ୍ଦ ରାଉତରାୟ ସ୍ୱକୀୟ 'ଶ୍ରମିକ କବି' କବିତାରେ ଶୋଷିତ ମାନେ ନୀରବରେ ଘର କୋଣରେ କରି ନ ରହି ସଂଗ୍ରାମ କରିବା ପାଇଂ ଆହ୍ୱାନ ଦେଇଛନ୍ତି । କବିଙ୍କ ଭାଷାରେ-

"ଅତ୍ୟାଚାରର ବହ୍ନି ବିଦାରି ଆଣରେ ସେଠାକୁ ନାହିଁ
ମଙ୍ଗଳବାରି, ଚମକୁ ବିଶ୍ୱ ସେହି ଜଳେ ଅବଗାହି
ତେଜରେ ଶ୍ରମିକ ଭୟ
ଶାଗ ସବୁ ଆଜି, ବିଶ୍ୱର ଯେତେ ପୀଡ଼ିତ ପ୍ରାଣର ଜୟ ।"

କବି ଅନନ୍ତ ପଟ୍ଟନାୟକ ମଧ୍ୟ ସ୍ୱକୀୟ 'କୃଷକର ଜାଗୃତ' କବିତାରେ ଶୋଷଣ, ନିପୀଡ଼ିନ ଭିତରେ ଆର୍ତ୍ତଚିତ୍କାର କରୁଥିବା ଶ୍ରମିକ ଜାତିକୁ ବିପ୍ଳବ ଓ ବିଦ୍ରୋହ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି । ସେ ବିପ୍ଳବୀ କଣ୍ଠରେ ଗାଇ ଉଠିଛନ୍ତି –

'ନିଃସ୍ୱ ଯେତେକ ବିଶ୍ୱର କୋଳେ ସକଳ ଶ୍ରମିକ ଚାଷୀ
ମିଳିତ ହୁଅରେ ଆମରି ସଙ୍ଗ ଶଙ୍କା ଜଡ଼ତା ନାଶୀ
ଥରୁରେ ଧରଣୀ ଆକାଶ ପବନ ଥରୁରେ ଶୋଷକ କୁଳ
ହସି ଉଠୁ ଆଜି ସମତା ଜଗତେ ଭାଜୁରେ ସଉଧ ଚୂଳ ।'

କବି ଅନନ୍ତ ପଟ୍ଟନାୟକଙ୍କ 'ମୁକ୍ତି ସଙ୍ଗୀତ', 'ସ୍ୱପ୍ନ ଦେଖୁଛି' ଇତ୍ୟାଦି କବିତାରେ ମଧ୍ୟ ଏହି ସ୍ୱର ଶୁଣିବାକୁ ମିଳିଥାଏ ।

କବି ମନମୋହନ ମିଶ୍ର ମଧ୍ୟ ଶୋଷକର ଲାଠିକୁ, କାରାଗାରକୁ, ଫାସୀଖୁଣ୍ଟକୁ ଆଦୌ ଭୟ ନକରି ସଂଘର୍ଷ କରିବା ପାଇଁ ଆହ୍ୱାନ କରିଛନ୍ତି ଶୋଷିତ କୁଳଙ୍କୁ ତାଙ୍କ 'ଜୀବନର ଜୟଗାନ' କବିତାରେ । କବିଙ୍କ ଦୃପ୍ତକଣ୍ଠର ଭାଷା ହେଉଛି –

"ଜାଳରେ, ଜାଳରେ
ଅତ୍ୟାଚାର ଅବରୋଧେ ମୁକତି ମସାଲରେ ।

ଜୀବନର ପଥେ ଯେତେ ବାଧା ପରମାଦରେ
କାରାଗାର ଫାସିଖୁଣ୍ଟ ମାଡ଼ିଚାଲ ପାଦରେ
ଆଉ କେତେ କାଳରେ,
ହୋଇବ ଏ ଧରା ଆମ ଲହୁଧାରେ ଲାଲ୍ ରେ।”

କବି ରଘୁନାଥ ଦାସ (ଜଟାୟୁ) ମହାଭାରତ ଯୁଦ୍ଧରେ ଅବତୀର୍ଣ୍ଣ ଶୋଷକ ରୂପକ କୌରବ ସେନାକୁ ଧୂଳିସାତ୍ କରିବା ପାଇଁ ଆହ୍ୱାନ ଦେଇଛନ୍ତି ଶୋଷିତ ଗୋଷ୍ଠୀଙ୍କୁ ତାଙ୍କ କବିତା ‘ମହାଭାରତ’ରେ। କବିଙ୍କ ବିପ୍ଳବାତ୍ମକ ସ୍ୱରରେ ଗାଇ ଉଠିଛନ୍ତି –

“ଲକ୍ଷ କୋଟି ଦ୍ରୌପଦୀର ବେଣୀ ଏବେ ରହିଛି ମୁକୁଳୀ,
ଜନତାର ହସ୍ତ ପଦେ ଜଡ଼ି ରହେ ନିଠୁର ଶିକୁଳା
ଏହାର କି ହେବ ନାହିଁ କେଉଁ କାଳେ ନ୍ୟାୟରେ ମୀମାଂସା
ଶୁଣ ପାର୍ଥ ! ପାପ ନୁହେଁ ଏ ତୁମର ଲାଲ୍ ପ୍ରତିହିଂସା
ମୋହ ନେତ୍ର ଫଙ୍ଗି ଚାହଁ ସୁଦର୍ଶନେ !
କୁରୁକ୍ଷେତ୍ର ଡାକେ।”

ଏହିଭଳି ଏହି ଯୁଗର କବିବୃନ୍ଦ ଶୋଷିତମାନଙ୍କ ନେତୃତ୍ୱ ନେଇ ଆହ୍ୱାନ କରିଛନ୍ତି ଏ ସଂସାରର ରାଜପଥ ଉପରେ ସଂଘର୍ଷ କରିବା ପାଇଁ। ପ୍ରତିଟି କବିତା ମଧ୍ୟ ରେ ଭରି ହୋଇ ରହିଛି ବିପ୍ଳବର ଅନ୍ତଃଗର୍ଭା ବାଣୀ।

## ସର୍ବହରାର ଦୁଃଖ, ଦୈନ୍ୟ ଓ କବିର ସମ୍ବେଦନା :

ପ୍ରଗତି ଯୁଗର କବିତାର ଅନ୍ୟତମ ଆଙ୍ଗିକ ଦିଗ ହେଉଛି ଶୋଷିତ, ଦଳିତ ଓ ସର୍ବହରାମାନେ କିଭଳି ଦୁଃଖ, ଦୈନ୍ୟ ଓ ଯନ୍ତ୍ରଣା ମଧ୍ୟ ରେ କାଳାତିପାତ କରୁଛନ୍ତି। ତାର ଉପସ୍ଥାପନା ଏହି ଯୁଗର ଦରଦୀ କବିବୃନ୍ଦ ସହ୍ୟ କରି ପାରିନାହାନ୍ତି ସେହି ଦୁଃଖ ଓ ଯନ୍ତ୍ରଣାକୁ। ତେଣୁ, ତାଙ୍କ କବିତାଗୁଡ଼ିକରେ ସୃଷ୍ଟି ହୋଇଛି ସମ୍ବେଦନାର ବ୍ୟଥାତୁର ସ୍ୱର। କବି ସଚ୍ଚିଦାନନ୍ଦରେ ରାଉତରାୟ ସ୍ୱକୀୟ ‘ପାଥେୟ’ କବିତାରେ ଶୋଷିତର ଦାରୁଣ ଦୁଃଖକୁ ସହ୍ୟ କରି ନପାରି ସ୍ୱତଃ ହୋଇ ଉଠିଛନ୍ତି ସମ୍ବେଦନଶୀଳ। ସତେ ଯେପରି ତାଙ୍କ ଆଖିର ଲୁହ କବିତାର ଶବ୍ଦ ହୋଇ ଝରିପଡ଼ିଛି –

“ଦେଖିଛି ମୁଁ ପ୍ରବଳର ଘୋର ଅତ୍ୟାଚାର
ଦୁରୁବଳ ଲୋତକ ସମ୍ଭାର
ଶୁଣିଛି କାତର କଣ୍ଠେ ଦୁଃଖୀର କ୍ରନ୍ଦନ
ନରକରେ ନରର ପୀଡ଼ନ
ଭାଇ କରେ ଭାଇ ମଥା ହୋଇଅଛି ଛିନ୍ନ

କବି ସଚ୍ଚିଦାନନ୍ଦ ରାଉତରାୟ ସ୍ୱକୀୟ 'ସ୍ୱେନ୍' କବିତାରେ ଏକ ଆଶାବାଦର ସ୍ୱର ଶୁଣାଇଛନ୍ତି ବିଶ୍ୱର ତରୁଣମାନଙ୍କୁ।

"ଦେଖ ବିଶ୍ୱର ତରୁଣ ବାହିନୀ! ଦେଖରେ ସର୍ବହରା
ନୂତନ ଯୁଗର ସୂର୍ଯ୍ୟ ଆଲୋକେ ଭୂମଧ୍ୟ ଜଳ ତୋର
ଉଠୁଅଛି ଜୟରବ
କବି ମୁଁ ରଚୁଛି ଆପଣା ପୁଲକେ ଆଗାମୀ ମନର ସ୍ତବ।"

କବି ଅନନ୍ତ ପଟ୍ଟନାୟକ ସ୍ୱକୀୟ 'ନବୀନ ଯୁଗର ତରୁଣ ଜାଗରେ' କବିତାରେ ଶୋଷଣ ମୁକ୍ତ ସମାଜକୁ ଏକ ନବୀନ ଯୁଗ ଭାବରେ ପରିକଳ୍ପନା କରିଛନ୍ତି। ତାଙ୍କ ଚିନ୍ତାଧାରା ଅନୁଯାୟୀ, ଆଗାମୀ ସମୟରେ ଯେଉଁ ଯୁଗ ଆଗମନ କରୁଛି, ସେହି ଯୁଗରେ ସମାଜର କୌଣସି ବୈଷମ୍ୟ କୌଣସି ବନ୍ଧନ ରହିବ ନାହିଁ। କବିଙ୍କ ଭାଷାରେ

"ନବୀନ ଯୁଗର ତରୁଣ ଜାଗରେ
ଜାଗ ବନ୍ଧନ-ହରା
ବକ୍ଷ ଶୋଣିତେ ଲକ୍ଷ ଜୀବନେ
ଖେଳାଅ ଆଲୋକ ଧାରା,
ଛିନ୍ନ କରରେ ବନ୍ଧନ ରାଜି
କ୍ରନ୍ଦନ ହେଉ ଶୋଷ
ଲୁପ୍ତ ହେଉରେ ଜାତ, ଉପଜାତି
ଖଣ୍ଡିତ ଶତଦେଶ।"

## ୨.୪.୩ ପ୍ରଗତିବାଦୀ କବିତାର ଆଙ୍ଗିକଦିଗ

ଓଡ଼ିଆ ପ୍ରଗତିବାଦୀ କବିବୃନ୍ଦ କେବଳ ପାରମ୍ପରିକ କବିତାର ଆତ୍ମିକ ଦିଗରେ ପରିବର୍ତ୍ତନ କଲେ ନାହିଁ। ବରଂ ଆଙ୍ଗିକ ଦିଗରେ ମଧ୍ୟ ବୈପ୍ଳବିକ ପରିବର୍ତ୍ତନ ସାଧନ କରିଥିଲେ। ଏହି ସମୟଖଣ୍ଡର ସମଗ୍ର ବିଶ୍ୱର କବିତା ରାଜ୍ୟରେ ଯେଉଁ ତୁମୁଳ ପରିବର୍ତ୍ତନ ଦେଖାଯାଇଥିଲା, ଏହି ଯୁଗର କବିତାରେ ତାହା ଅନୁଭୂତ ହୋଇ ନୂତନ ସ୍ୱର ସୃଷ୍ଟି କରିଥିଲା। ନିମ୍ନରେ ଏହି କବିତାର ଆଙ୍ଗିକ ଦିଗ ସମ୍ପର୍କରେ ଆଲୋଚିତ ହେଉଅଛି।

**ନୂତନ ଛନ୍ଦର ପ୍ରୟୋଗ :**

ପ୍ରଗତିବାଦୀ କବିତାର ମୁଖ୍ୟ ଆଙ୍ଗିକ ଦିଗ ହେଉଛି ନୂତନ ଛନ୍ଦର ପ୍ରୟୋଗ। ଏତଦ୍‌ପୂର୍ବରୁ ସବୁଜ ଯୁଗର କବିମାନେ ପରୀକ୍ଷାଧର୍ମୀ ଭାବେ ଓଡ଼ିଆ କବିତାରେ କେତେକ ଛନ୍ଦର ପ୍ରୟୋଗ କରିଥିଲେ, ହେଁ ଏହି କାଳରେ ପାରମ୍ପରିକ ଛନ୍ଦ ପରିହୃତ ହୋଇ କେତେକ ନୂତନ ଛନ୍ଦ ପ୍ରୟୋଗ ଘଟିଥିଲା।

ଏହି କାଳରେ କବିତାରେ ପ୍ରଯୁକ୍ତ ହୋଇ ଥିବା ଉଲ୍ଲେଖନୀୟ ଛନ୍ଦ ହେଉଛି ବିଂଶାକ୍ଷରୀ ଛନ୍ଦ । ଏହି ପ୍ରକାର 'ଛନ୍ଦ'ରେ କବିତାର ପ୍ରତ୍ୟେକ ଚରଣର ଅକ୍ଷର ସଂଖ୍ୟା ହେଉଛି ବଂଶ । ବସ୍ତୁତଃ, ବିପ୍ଳବ ଓ ବିଦ୍ରୋହ ନିମନ୍ତେ ଏହି ଛନ୍ଦ ବିଶେଷ ଅନୁକୂଳ ହୋଇଥିବା ଯୋଗୁଁ ଏହି କାଳର ଅନେକ କବି ଏହି ପ୍ରକାର ଛନ୍ଦର ପ୍ରୟୋଗ କରିଛନ୍ତି ।

**ଉଦାହରଣ ସ୍ୱରୂପ :-**

"ବାହୁ ବାହୁ ତରୀ ତୁମରି ପଥରେ ଝଞ୍ଜା ଯେବେ ଆସେ ଘୋଟି ।
ଅନ୍ୟ ଦିଗେ ନିଏ ତରଣୀ ଫେରାଇ ତିରଙ୍ଗ ଖେଳର ଲୋଟି ।"
(ପାଥେୟ- ସଚ୍ଚିଦାନନ୍ଦ ରାଉତରାୟ)

ସେହିଭଳି କବି ମନମୋହନ ମିଶ୍ର ଏହି ଛନ୍ଦ ଅନୁସରଣ କରି ସ୍ୱକୀୟ କବିତା ରଚନା କରିଛନ୍ତି ।

"ଝଡ଼ର ମଥାରେ ଆସନ ଘେନିଛି ଲେନିନ୍ ଲାଲ୍‌ସେତୁ
ନଇ ପାହାଚରେ, ବୁକୁର ହାଡ଼ରେ, ନୂଆ ଦୁନିଆର ସେତୁ"
(ମଇ ପହିଲା- ମନମୋହନ ମିଶ୍ର)

ଏହି କାଳରେ କବିମାନେ ପ୍ରୟୋଗ କରିଥିବା ଅନ୍ୟ ଏକ ସ୍ୱତନ୍ତ୍ର ଛନ୍ଦ ହେଉଛି 'ଉନ ଚତ୍ୱାରିଂଶ' ଅକ୍ଷର ବିଶିଷ୍ଟ ଛନ୍ଦ । ଏହି ପ୍ରକାର ଛନ୍ଦରେ ଚାରୋଟି ଚରଣରେ ଏକ ପଦ ହୁଏ । ଆଦ୍ୟ ତିନୋଟି ଚରଣ ଦଶାକ୍ଷର ଓ ଶେଷ ଚରଣ ନବାକ୍ଷର ବିଶିଷ୍ଟ । ଅନେକ କବି ଏହି ପ୍ରକାର ଛନ୍ଦରେ କବିତା ରଚନା କରିଛନ୍ତି ।

ଉଦାହରଣ ସ୍ୱରୂପ -

"ସନ୍ତକ ତୋର ହାତୁଡ଼ି ଦାଆ
ସମ୍ମୁଖେ ତୋର ଖୋଲିଛି ରାହା
ମନେରଖ ତୁହିଁ ତୋହରି ସାହା
ଉଡ଼ାଅ ତୋର ଜୟକାର ।"
(ମୁକ୍ତି ସଙ୍ଗୀତ- ଅନନ୍ତ ପଟ୍ଟନାୟକ)

ବାକ୍‌ରୀତି ପୂର୍ଣ୍ଣ ଛନ୍ଦର ପ୍ରୟୋଗ ଏହି ଯୁଗର କବିତାରେ ପ୍ରଯୁକ୍ତ ହେଉଥିବା ଅନ୍ୟ ଏକ ଛନ୍ଦ । ବିଦ୍ରୋହ ଅନୁକୂଳ ବାକ୍‌ରୀତିରେ ଏହି କାଳରେ ଅନେକ କବି ତଦୀୟ କବିତାଗୁଡ଼ିକ ରଚନା କରିଛନ୍ତି । ନିମ୍ନ ଉଦାହରଣରୁ ଏହା ।

"କହ ଦୁଃଶାସନ
କେଉଁ କାଳେ ପାଞ୍ଚାଳୀର ପଣ
ହୋଇଛି ଅନ୍ୟଥା ?
ଦାନ ହୁଙ୍କାର କାହିଁ ଲଭିଅଛି ମାନବର ବ୍ୟଥା ?"
(ମହାଭାରତେ-ରଘୁନାଥ ଦାସ)

ସମଗ୍ର ବିଶ୍ୱ ପରିପ୍ରେକ୍ଷୀରେ ଯେଉଁ ଗଦ୍ୟଛନ୍ଦର ପ୍ରବର୍ତ୍ତନ ଘଟିଥିଲା । ଏହି କାଳରେ କବିବୃନ୍ଦ ମଧ୍ୟ ସର୍ବ ପ୍ରଥମେ (Free versa) ବା ଗଦ୍ୟଛନ୍ଦ (versa libra)ର ପ୍ରବର୍ତ୍ତନ କରିଛନ୍ତି ଓଡ଼ିଆ କବିତାରେ । ଯଥା -

(୧)"ଏ ସମୟ ବଦଳିବ, ଜାଣିଚି ମୁଁ
ହାଡ଼ ଭଙ୍ଗା ଶୀତର ଏ ମାଘ
ରହିବନି, ସବୁଦିନ ପାଇଁ
ମଣିଷର ରକ୍ତଶିଖା ବାଘ
ସେ ବି ଦିନେ ମରିବଇ
ମୋ'ରି ଲାଠି ମାଡ଼େ ।" (ଉଜ୍ଜ୍ୱଳ ପତାକା-ଲକ୍ଷ୍ମୀଧର ନାୟକ)

(୨) ତମେ କହିପାର, ସନ୍ତ୍ରାସୀ ମତେ
ଅରାଜକତାର ବୀଜ ମୁଁ ବୁଣୁଛି ଖାଲି
କହିବା ଆଗରୁ ଦେଖିଚ କି ତମେ ?
ଦେଖିଛ କି ଥରେ । (କୈଫିୟତ୍- ରବି ସିଂ)

ଏହିଭଳି ପ୍ରଗତିବାଦୀ କବିବୃନ୍ଦ ନୂତନ ଛନ୍ଦର ପ୍ରୟୋଗ କରି ଓଡ଼ିଆ କବିତାର ଛନ୍ଦ କ୍ଷେତ୍ରରେ ସ୍ୱାତନ୍ତ୍ର୍ୟ ଆନୟନ କରିଛନ୍ତି ।

**ଚିତ୍ରକଳ୍ପର ପ୍ରୟୋଗ :**

ପ୍ରଗତିବାଦୀ କବିବୃନ୍ଦ ଓଡ଼ିଆ କବିତାରେ ସର୍ବ ପ୍ରଥମେ ଚିତ୍ରକଳ୍ପ (Image) ପ୍ରୟୋଗ ପୂର୍ବକ କବିତାର ସୌନ୍ଦର୍ଯ୍ୟ ବୋଧାତ୍ମକ ରୂପ ପ୍ରଦାନ କରିବା ପାଇଁ ପ୍ରୟାସ କରିଛନ୍ତି । ବିପ୍ଳବାତ୍ମକ ଭାବ ସହିତ ଚିତ୍ରକଳ୍ପର ପ୍ରୟୋଗ ସେମାନଙ୍କ କବିତାରେ ସୃଷ୍ଟି କରିଛି ଭିନ୍ନ ଭାବସ୍ଖଳନ ।

କବି ସଚ୍ଚିଦାନନ୍ଦ ରାଉତରାୟ ଜୀବନକୁ ବୃହତ୍ତର ଉତ୍ସର୍ଗର ବାଣୀ ଶୁଣାଇବାକୁ ଯାଇ ପ୍ରୟୋଗ କରିଛନ୍ତି ।

ଉଷାର ଗୋପନ ଅର୍ଥ ରଜନୀର ଲୁପ୍ତ ପାଦଟୀକା
ରଖେ ଯଥା ଧରି,
ଆପଣା ମୃତ୍ୟୁରେ ଫୁଟେ ଆଜି ସେତ ଝରି ସେଇ ପରି (ବାଜିରାଉତ)

ପ୍ରଗତିବାଦୀ କବି ଅନନ୍ତ ପଟ୍ଟନାୟକଙ୍କ ମଣିଷ ଜୀବନର ବୈତାଳିକ ଛନ୍ଦକୁ ବିଶ୍ଳେଷଣ କରିବାକୁ ଯାଇ କବି ପ୍ରୟୋଗ କରିଛନ୍ତି ଚମତ୍କାର ଚିତ୍ରକଳ୍ପ । କବିଙ୍କ ଭାଷାରେ -

"ଜୀବନ ରହୁଁ, ଜୀବନ ଆମେ
କଠିନ ଆଉ କୋମଳ
କୋମଳ ଆଉ କଠିନ

କେଜାଣି କେବେ ପଲହାରିର ପଲବସେ
ଚଗଲାମିର ଚୁମା ଭଳି କିଶୋରୀର
କିଶୋରର ଓଙ୍ଠରେ
ଜୀବନ୍।" (ଜୀବନ୍)

ସେହିଭଳି ଏହି ଯୁଗର କବି ମନମୋହନ ମିଶ୍ର, ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତେ ସଂଘବଦ୍ଧ ହୋଇ ଶୋଷଣ ବିରୋଧ ଯୁଦ୍ଧ ରଚନାର ବାର୍ତ୍ତା ପ୍ରଦାନ କରିବା ବେଳେ ପ୍ରୟୋଗ କରିଛନ୍ତି।

"ଆସ ଭାଇ ହିନ୍ଦୁ ମୁସଲ୍‌ମାନ
ଆସ ମଜ୍‌ଦୁର ଲିଗ୍ ଜବାନ୍
ମୁକତି ମିଳିଛି କାହିଁ ବିନା କୁର୍ବାନ୍
ବିନା ରକତେ ବି ବାନ୍ଧେ ଦ୍ରୌପଦୀ ଚୁଡ଼ା
ଗୋରା ପଲଟଣ ମାରୁଅଛି ମଉଜ
ତା ରକତେ ରଙ୍ଗା ତୋର ନିଶାଣ ଉଡ଼ା।" (କୋଟିକଣ୍ଠେ)

**ଭାଷା ପ୍ରୟୋଗର ବୈଚିତ୍ର୍ୟ :**

ପ୍ରଗତିବାଦୀ କବିମାନଙ୍କ କବିତାର ଭାଷା ଅତ୍ୟନ୍ତ ବୈଚିତ୍ର୍ୟ ପୂର୍ଣ୍ଣ। ଶୋଷକ ବିରୋଧରେ ଯୁଦ୍ଧ ଘୋଷଣା କରିବା ସମୟରେ କେତେବେଳେ ଏମାନଙ୍କ ସ୍ୱର ଉଦାତ୍ତ ହୋଇଛି ତ ଶୋଷିତର ଦୈନ୍ୟ ଓ ଦୁଃଖକୁ ବର୍ଣ୍ଣନା କରିବା ସମୟରେ ଏମାନଙ୍କ ହୃଦୟ କୋମଳ ହୋଇଅଛି। ତେଣୁ, ଭିନ୍ନ ଭିନ୍ନ ପ୍ରକାର ଭାଷାର ପରିବେଷଣ ଏହି ଯୁଗର କବିତାକୁ ବୈଚିତ୍ର୍ୟପୂର୍ଣ୍ଣ କରିଅଛି।

ଏହି କାଳର କବିତାରେ ପ୍ରଯୁକ୍ତ ହୋଇଥିବା ପ୍ରଧାନ ଭାଷା ହେଉଛି ବର୍ଣ୍ଣନାତ୍ମକ ଭାଷା। ଯେତେବେଳେ କବିବୃନ୍ଦ ଶୋଷକର ଶୋଷଣ ବା ଶୋଷିତର ଦୁଃଖକୁ ପ୍ରୟୋଗ କରିଛନ୍ତି, ସେତେବେଳେ ଭାଷା ସ୍ୱତଃ ବର୍ଣ୍ଣନାତ୍ମକ ହୋଇ ଉଠିଛି। ଯଥା -

"ଧରଣୀରେ ଆଜି ଲାଗିଅଛି ଭାଇ
ସଂଗ୍ରାମ କୋଳାହଳ
ମଣିଷ ଜୀବନ ଦଂଶୁଛି ଆଜ
ଧ୍ୱଂସର ହଳାହଳ
ସେହି ବିଷ ପିଇ ନୀଳକଣ୍ଠ ତୁ
ଦଳିତ ସର୍ବହରା
ମୃତ୍ୟୁ ଦହନୁ ରଖିଚୁ ସାଇତି
ସବୁଜ ଘାସର ଧରା।"
(ସର୍ବହରା - ଅଭିଯାନ ଓ ସଚ୍ଚିଦାନନ୍ଦ ରାଉତରାୟ)

'ବ୍ୟଞ୍ଜନାତ୍ମକ' ବା ବ୍ୟାଙ୍ଗାତ୍ମକ ଭାଷା ଏହି କାଳର କବିତାରେ ପ୍ରଯୁକ୍ତ ହୋଇଥିବା ଭାଷାର ଅନ୍ୟତମ ରୂପ। ବସ୍ତୁତଃ, ଅନେକ ସମୟରେ ଏହି କାଳର କବିବୃନ୍ଦ ଆଧୁନିକ ଶୋଷଣଯୁକ୍ତ ପୃଥିବୀ ମଧ୍ୟ ରେ ମଣିଷର ସ୍ଥିତିକୁ ଅନୁଭବ ପୂର୍ବକ ବ୍ୟଞ୍ଜନା ସୃଷ୍ଟି କରିଛନ୍ତି। ଏହି ପ୍ରକାର ଭାଷା ଏହି କାଳର ଅନେକ କବିଙ୍କ କବିତାରେ ଦୃଷ୍ଟି ଗୋଚର ହୋଇଥାଏ। ଯଥା :-

"କାହାର ଲାଗି ହେଉରେ ଭୋଳ
ଧ୍ୱାନ୍ତ ଘେରା କେଉଁ ସେ ଦେଖେ
ସ୍ୱପ୍ନେ କରୁ ସଞ୍ଚରଣ
ଈଶ୍ୱର ସେ ବିଶ୍ୱର ଏକ
କି ଯାଏ ଆସେ ତାହାରି ସାଥେ
ତାହାରି ଲାଗି ଅନ୍ଧ ଭଳି
ଭୁଲୁରେ କିମ୍ବା ରିକ୍ତ ହାତେ।"

(ଦେବତା ନାହଁ ଭୁବନ ବଚନ-ଅନନ୍ତ ପଟ୍ଟନାୟକ)

'ଲୌକିକ' ବା ସରଳ ଭାଷାର ପ୍ରୟୋଗ ଏହି କାଳର କବିତାର ଭାଷାର ଅନ୍ୟତମ ରୂପ। ଏହି ଯୁଗର କବିବୃନ୍ଦ ସାଧାରଣ ଦଳିତ ମଣିଷ ଉଦ୍ଦେଶ୍ୟରେ ଯେତେବେଳେ କବିତା ରଚନା କରିଛନ୍ତି, ସେତେବେଳେ ସ୍ୱତଃ କବିତାର ଭାଷା ହୋଇଉଠିଛି ଅତ୍ୟନ୍ତ ଲୌକିକ ଓ ସରଳ।

ଉଦାହରଣ ସ୍ୱରୂପ : -

"କେତେ ଦୂରେ ତୋର ଓଡ଼ିଶା ମାଟିରେ
କାହିଁ ମହାନଦୀ ପାଣି
ଗୋରା ସରକାର ଦାଉରୁ ଏ ଦେଶେ
ଆସିଲୁ ଭୋକ ପରାଣି
ନଥିଲା କି ତୋର ପାଣିରେ ମାଛରେ
ନଥିଲା କି ବିଲେ ଧାନ
ନଥିଲା କି ତୋର ପାହାଡ଼େ କାଠରେ
ଝାଳ ବୁହା ଅରଜନ
ସବୁ ଅରଜନ କାହା ପାଶେ ଦେଲୁ
ଏ କଥା ନ ପାରୁ ଜାଣି।"

ଏହିଭଳି ପ୍ରଗତିଯୁଗର କବିବୃନ୍ଦ ଓଡ଼ିଆ କବିତା ରାଜ୍ୟରୁ ପାରମ୍ପରିକ ଆତ୍ମିକ ଓ ଆଙ୍ଗିକ ଉପାଦାନକୁ ପରିବର୍ତ୍ତନ ଓ ପରିବର୍ଜ୍ଜନ ପୂର୍ବକ ଓଡ଼ିଶା ସାହିତ୍ୟରେ ନୂତନ ଧାରାର ପ୍ରବର୍ତ୍ତନ କରିଛନ୍ତି। ତେଣୁ, ଏହା ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ଯୁଗ ଭାବେ ବିବେଚିତ ହୋଇଥାଏ।

## ୨.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।

(କ) ସାମ୍ୟବାଦୀ ଚିନ୍ତାଧାରା

(ଖ) ମନମୋହନ ମିଶ୍ର

(ଗ) ଅନନ୍ତ ପଟ୍ଟନାୟକ

(ଘ) ଲକ୍ଷ୍ମୀଧର ନାୟକ

(ଙ) ଜଙ୍ଗାୟୁ

(ଚ) ସୁନନ୍ଦ କର

(ଛ) ଚକ୍ରଧର ରାଉତ

(ଜ) ରଜନୀକାନ୍ତ ଦାସ

(ଝ) ଜୀବାନନ୍ଦ ଆଚାର୍ଯ୍ୟ

(ଞ) ରବୀନ୍ଦ୍ରନାଥ ସିଂହ

### (୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।

(କ) ଓଡ଼ିଆ ସାହିତ୍ୟରେ ପ୍ରଗତି ଯୁଗ ସୃଷ୍ଟିର ପୃଷ୍ଠଭୂମି ଦର୍ଶାଇ ପ୍ରଗତିବାଦୀ କବିମାନଙ୍କ ପରିଚୟ ଦିଅ।

(ଖ) ଓଡ଼ିଆ ପ୍ରଗତିବାଦୀ କବିତାର ଆତ୍ମିକ ଦିଗ ସମ୍ପର୍କରେ ଆଲୋଚନା କର।

(ଗ) ଓଡ଼ିଆ ପ୍ରଗତିବାଦୀ କବିତାର ଆଙ୍ଗିକ ଦିଗ ବିଷୟରେ ଆଲୋଚନା କର।

## ୨.୬ ସହାୟକ ଗ୍ରନ୍ଥସୂଚୀ


- ଦାଶ, ଡ. କୁଞ୍ଜବିହାରୀ - (୧୯୬୨) ଆଧୁନିକ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା - ଓଡ଼ିଆ ସାହିତ୍ୟ ଏକାଡେମୀ, ଭୁବନେଶ୍ୱର।
- ମହାରଣା, ଡ. ସୁରେନ୍ଦ୍ର କୁମାର - (୨୦୧୫) ଓଡ଼ିଆ ସାହିତ୍ୟର ଇତିହାସ - ଓଡ଼ିଶା ବୁକ୍‌ଷ୍ଟୋର୍ସ - କଟକ।
- ଶତପଥୀ, ଡ. ବିଜୟ କୁମାର - (୧୯୯୨) ପ୍ରଗତିବାଦୀ କାବ୍ୟଚେତନା - ଓଡ଼ିଶା ବୁକ୍‌ଷ୍ଟୋର୍ସ କଟକ।
- ଶତପଥୀ, ଡ. ନିତ୍ୟାନନ୍ଦ (୨୦୧୫) ସବୁଜରୁ ସାମ୍ପ୍ରତିକ - ଗ୍ରନ୍ଥମନ୍ଦିର, କଟକ।

# ତୃତୀୟ ଏକକ : ସମସାମୟିକ ଅନ୍ୟାନ୍ୟ ସାହିତ୍ୟିକ

## ବିଷୟ ଗଠନ :

୩.୧ ପଠନର ଉଦ୍ଦେଶ୍ୟ
୩.୨ ଶିକ୍ଷଣୀୟ ବିଷୟ
୩.୩ ବିଷୟ ପ୍ରବେଶ
୩.୪ ସବୁଜ ସମସାମୟିକ ଅନ୍ୟାନ୍ୟ ସାହିତ୍ୟିକ
୩.୫ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ
୩.୬ ସହାୟକ ଗ୍ରନ୍ଥସୂଚୀ

## ୩.୧ ପଠନର ଉଦ୍ଦେଶ୍ୟ

ଓଡ଼ିଆ ସାହିତ୍ୟର ଇତିହାସରେ ସବୁଜ ଓ ପ୍ରଗତିବାଦୀ କାଳ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସମୟ । କାରଣ, ଏହି ସମୟରେ ଅନେକ କବି ସାହିତ୍ୟିକ ସୃଷ୍ଟି ହୋଇଥିଲେ ଏବଂ କୌଣସି ଗୋଷ୍ଠୀ ମଧ୍ୟ ରେ ସୀମିତ ଓ ସୀମାବଦ୍ଧ ନ ରହି ଏକକ ଓ ନିରବଚ୍ଛିନ୍ନ ଭାବେ ସାହିତ୍ୟ ସାଧାନରେ ବ୍ରତୀ ହୋଇଥିଲେ । ସେମାନଙ୍କ ସାହିତ୍ୟ ମଧ୍ୟ ରେ ନିହିତ ଭାବଗୁଡ଼ିକ ଓଡ଼ିଆ କାବ୍ୟ-ପାଠକ ହୃଦୟରେ ସ୍ୱତନ୍ତ୍ର ଭାବସ୍ପନ୍ଦନ ସୃଷ୍ଟି କରିଥିଲା । ଉକ୍ତ ସାହିତ୍ୟକ ବୃନ୍ଦ କେବଳ କବିତା ରଚନାରେ ବ୍ରତୀ ହୋଇ ନଥିଲେ ବରଂ ସାହିତ୍ୟର ଭିନ୍ନ ଭିନ୍ନ ଦିଗରେ ଲେଖନୀ ଚାଳନା ପୂର୍ବକ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ ଓ ସମୃଦ୍ଧିଶାଳି କରିଥିଲେ । ସେମାନଙ୍କ ସାହିତ୍ୟ ମଧ୍ୟ ରେ କେତେକ ସମୟରେ ଆଧ୍ୟାତ୍ମିକତାର ଭାବସ୍ଫୁରଣ ଘଟିଥିଲା ତ କେତେକ ସମୟରେ ଆଧିଭୌତିକ ଚେତନାର ପରିପ୍ରକାଶ ଘଟିଥିଲା । ପୁଣି କେତେକ ସମୟରେ ବାସ୍ତବ ଜୀବନର ନିଛକତାକୁ ଭିତ୍ତି କରି ଭାବ ପ୍ରକାଶ କରିଥିଲେ । କେତେକ ସମୟରେ ଏମାନଙ୍କ ସାହିତ୍ୟରେ ଜାତୀୟତା ବୋଧର ବହ୍ନି ମଧ୍ୟ ପ୍ରଜ୍ୱଳିତ ହୋଇଥିବା ଉପଲବ୍ଧ ହୋଇଥାଏ । ତେଣୁ, ଏହି ସମୟଖଣ୍ଡ ପ୍ରକୃତରେ ଓଡ଼ିଆ ସାହିତ୍ୟର ବୈଚିତ୍ର୍ୟ ପୂର୍ଣ୍ଣ ସମୟ । ସେହି ଦୃଷ୍ଟିକୋଣରୁ ଏହି କାଳର ସାହିତ୍ୟିକମାନଙ୍କ ସମ୍ପର୍କରେ ବ୍ୟାପକ ରୂପେ ଅଧ୍ୟୟନ କରିବା ଏକାନ୍ତ ଆବଶ୍ୟକ ମନେ ହୋଇଥାଏ ।

## ୩.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀମାନେ ନିମ୍ନଲିଖିତ ଜ୍ଞାନ ଆହରଣ କରିପାରିବେ :

- ସମକାଳିନ ପୃଷ୍ଠଭୂମି
- ସମସାମୟିକ ସାହିତ୍ୟିକ ବୃନ୍ଦ

## ୩.୩ ବିଷୟ ପ୍ରବେଶ

ସବୁଜ ତଥା ପ୍ରଗତିଯୁଗର କବିବୃନ୍ଦ ଯେପରି ପାରମ୍ପରିକ କାବ୍ୟଧାରାକୁ ପରିବର୍ତ୍ତନ ଓ ପରିବର୍ତ୍ତନ ପୂର୍ବକ ସାହିତ୍ୟ ସୃଷ୍ଟି କରିଥିଲେ, ଏହି ସମୟ ଖପୂର ଅନ୍ୟାନ୍ୟ ସାହିତ୍ୟିକମାନେ ମଧ୍ୟ ଅନୁରୂପ ଭାବରେ ଭିନ୍ନ ଭାବ ଓ ଶୈଳୀକୁ ଆହରଣ ପୂର୍ବକ ସାହିତ୍ୟ ସାଧନାରେ ବ୍ରତୀ ହୋଇଥିଲେ। ସବୁଜ ଓ ପ୍ରଗତି କବିବୃନ୍ଦ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଦୃଷ୍ଟି ସମ୍ମୁଖରେ ରଖି ସାହିତ୍ୟ ସାଧନା କରୁଥିଲେ ; ମାତ୍ର ଏହି ଯୁଗର ସାହିତ୍ୟିକମାନଙ୍କ ସାହିତ୍ୟ ସାଧନାରେ କୌଣସି ଲକ୍ଷ୍ୟ ବା ଉଦ୍ଦେଶ୍ୟ ନଥିଲା। ବସ୍ତୁତଃ, ସେମାନେ ପାରମ୍ପରିକ ଧାରାକୁ ପରିବର୍ଜନ ଓ ସମକାଳୀନ ଧାରାଠାରୁ ବିଚ୍ଛିନ୍ନ ରହି ସାହିତ୍ୟ ସାଧନା କରିଥିବା ହେତୁ ତାଙ୍କ ସାହିତ୍ୟରେ ଓଡ଼ିଆ ପାଠକମାନେ ଭିନ୍ନ ଭାବସ୍ପନ୍ଦନ ଅନୁଭବ କରିଥାଏ। ଏହି କାଳର କବି ତଥା ସାହିତ୍ୟିକ ମାନଙ୍କ ସାହିତ୍ୟରେ ଅନେକ ମହାର୍ଘ ଆଦର୍ଶବୋଧ ମଧ୍ୟ ପରିଲକ୍ଷିତ ହୋଇଥାଏ।

## ୩.୪ ସବୁଜ ସମସାମୟିକ ଅନ୍ୟାନ୍ୟ ସାହିତ୍ୟିକ

ସବୁଜ ଓ ପ୍ରଗତି ସମସାମୟିକ ଅନେକ ସାହିତ୍ୟିକ ଲେଖନୀ ଧାରଣ ପୂର୍ବକ ଓଡ଼ିଆ ସାହିତ୍ୟକୁ ସମୃଦ୍ଧିଶାଳୀ କରିଯାଇଛନ୍ତି। ସେମାନଙ୍କ ସମ୍ପର୍କରେ ନିମ୍ନରେ ପର୍ଯ୍ୟାୟକ୍ରମେ ଆଲୋଚନା କରାଯାଉଛି।

- **କୁନ୍ତଳାକୁମାରୀ ସାବତ (୧୯୦୦-୧୯୩୮) :**

ସବୁଜ ସମସାମୟିକ ଓଡ଼ିଆ ସାହିତ୍ୟର ଯଶସ୍ୱୀ ସାଧିକା ହେଉଛନ୍ତି କୁନ୍ତଳାକୁମାରୀ ସାବତ। ସେ ନିର୍ବିକାର ଓ ନିରବଚ୍ଛିନ୍ନ ଭାବରେ ସାହିତ୍ୟ ସାଧନା ପୂର୍ବକ ସ୍ୱଳ୍ପକାଳ ମଧ୍ୟ ରେ ବହୁଳ ଆଦୃତି ଲାଭ କରିଥିଲେ। ତାଙ୍କ କାବ୍ୟ କବିତାର ଦୁଇଟି ବଳିଷ୍ଠ ଦିଗ ହେଉଛି ଜାତୀୟତାବାଦୀ ଚେତନା ଓ ଆଧ୍ୟାତ୍ମିକତା। ତାଙ୍କ 'ସ୍ଫୁଲିଙ୍ଗ' ଓ 'ଆହ୍ୱାନ୍' କବିତା ଗୁଚ୍ଛରେ ଦେଶାତ୍ମବୋଧର ଅଗ୍ନିଗର୍ଭୀ ବାଣୀ ଥିବା ସମୟରେ ତାଙ୍କ 'ଅଞ୍ଜଳି' ଓ 'ଅର୍ଚ୍ଚନା' କବିତା ଗୁଚ୍ଛରେ ରହିଛି ବିଭୁପାଦ ପଦ୍ମତଳେ ଆତ୍ମ ସମର୍ପଣ କରିଦେବାର ଅଭିପ୍ସା। ସେ କେବଳ କବିତା ରଚନା ମଧ୍ୟ ରେ ମନୋନିବେଶ କରି ନଥିଲେ ବରଂ ଅନେକ ଉପନ୍ୟାସ ରଚନା କରି ତାଙ୍କ ଗଦ୍ୟ ବ୍ୟକ୍ତିତ୍ୱର ମଧ୍ୟ ଅଭ୍ରାନ୍ତ ପରିଚୟ ପ୍ରଦାନ କରିଯାଇଛନ୍ତି। ତାଙ୍କ ଦ୍ୱାରା ରଚିତ ଉପନ୍ୟାସଗୁଡ଼ିକ ହେଉଛି- 'ଭ୍ରାନ୍ତି', 'କାଳିବୋହୂ', 'ରଘୁ ଅରକ୍ଷିତ', 'ନଅତୁଣ୍ଡି' ଓ 'ପରଶମଣି' ତାଙ୍କ ରଚିତ ଉକ୍ତ ଉପନ୍ୟାସଗୁଡ଼ିକ ମଧ୍ୟ ରେ ଓଡ଼ିଶାର ସାମାଜିକ ଜୀବନର ନିଚ୍ଛକ ଉପସ୍ଥାପନା ରହିବା ସଙ୍ଗେ ସଙ୍ଗେ ମହନୀୟ ଆଦର୍ଶବୋଧର ପରିପ୍ରକାଶ ଘଟିଅଛି।

- **ପଦ୍ମଚରଣ ପଟ୍ଟନାୟକ (୧୮୮୫-୧୯୫୬) :**

କବି ପଦ୍ମଚରଣ ପଟ୍ଟନାୟକ ଓଡ଼ିଆ ସାହିତ୍ୟର ଧୂରୀଣ କାବ୍ୟଶିଳ୍ପୀ। ସେ ସାହିତ୍ୟ ସାଧନା କରିବା ପୂର୍ବରୁ ଓଡ଼ିଆ ସାହିତ୍ୟରେ ରହିଥିଲା ସତ୍ୟବାଦୀ କାବ୍ୟଧାରା ଓ ସମକାଳରେ ଥିଲା ସବୁଜ ଚିନ୍ତାଧାରା। ତେଣୁ, ଏହି ଉଭୟ କାବ୍ୟାଦର୍ଶର ସମନ୍ୱୟ ପରିଲକ୍ଷିତ ହୋଇଥାଏ ତାଙ୍କ ସାହିତ୍ୟ କୃତିରେ। ତୁଙ୍ଗ ଦେଶାତ୍ମବୋଧ ଚିନ୍ତାଧାରା, ଉନ୍ନତ ମାନବବାଦୀ ଦୃଷ୍ଟିଭଙ୍ଗୀ ଏ ଉତ୍ତୁଙ୍ଗ ବିପ୍ଳବ ଓ ବିଦ୍ରୋହର ସ୍ୱର ଶୁଣାଯାଇଥାଏ ତାଙ୍କ ସାହିତ୍ୟରେ 'ପଦ୍ମପାଖୁଡ଼ା', 'ଗୋଲାପଗୁଚ୍ଛ', 'ଆଶା ମଞ୍ଜରୀ', 'ସୂର୍ଯ୍ୟମୁଖୀ', 'ସୁନାର ଦେଶ' ଇତ୍ୟାଦି କବିତା ଗ୍ରନ୍ଥ ଗୁଡ଼ିକରେ ତାଙ୍କ ରଚିତ

କବିତା ଗୁଡ଼ିକ ସ୍ଥାନିତ ହୋଇଅଛି। କବିତା ବ୍ୟତୀତ ସେ ଜଣେ ସମାଲୋଚକ ଭାବରେ ମଧ୍ୟ ପରିଚିତ। ତାଙ୍କ ଦ୍ୱାରା ରଚିତ ସମାଲୋଚନାଗୁଡ଼ିକ 'ମୁକୁର', 'ଉତ୍କଳ ସାହିତ୍ୟ' ଇତ୍ୟାଦି କବିତାରେ ପ୍ରକାଶିତ ହୋଇଅଛି।

- **କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର (୧୮୮୮-୧୯୫୩) :**

ସମକାଳରେ ଅନ୍ୟତମ ପ୍ରଥିତ-ପଶା ସାରସ୍ୱତ ସ୍ରଷ୍ଟା ହେଉଛନ୍ତି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର। ସେ ମଧ୍ୟ ଯୁଗ ସନ୍ଧିକ୍ଷେପଣର ସାହିତ୍ୟିକ ହୋଇଥିବା ଯୋଗୁଁ ତାଙ୍କ ରଚିତ ସାହିତ୍ୟ ମଧ୍ୟ ରେ ପୂର୍ବବର୍ତ୍ତୀ ଯୁଗ ଓ ସମସାମୟିକ ଯୁଗର ନାନବିଧ ବୈଚିତ୍ର୍ୟ ପରିଲକ୍ଷିତ ହୋଇଥାଏ। ମୁଖ୍ୟତଃ, ଜାତୀୟତା ବୋଧ ଓ ଆଧିଭୌତିକ ଚେତନା ତାଙ୍କ କବିତାର ମହାର୍ଘ ବୈଶିଷ୍ଟ୍ୟ। ତାଙ୍କଦ୍ୱାରା ରଚିତ କବିତା ଗୁଡ଼ିକ 'ଜୀବନ ସଙ୍ଗୀତ' କବିତା ସଙ୍କଳନ ମଧ୍ୟ ରେ ସନ୍ନିବଦ୍ଧ ହୋଇଅଛି। ଏହାବ୍ୟତୀତ ତାଙ୍କ ରଚିତ 'କଣାମାମୁଁ' ଉପନ୍ୟାସ ଓ 'ବୁଢ଼ାଶଙ୍ଖାରୀ' ଗଳ୍ପ ଓଡ଼ିଆ ପାଠକ ହୃଦୟରେ ଗଭୀର ରେଖାପାତ କରିଥାଏ। ତାଙ୍କ ବିରଚିତ 'ବସନ୍ତ ବିଳାସ', 'କାଳିୟ ଦଳନ', 'ବ୍ରଜବର୍ଜନ', 'ଚନ୍ଦ୍ରହାସ', 'କର୍ଣ୍ଣ. 'ଲକ୍ଷ୍ମୀ ଚଣ୍ଡାଲୁଣୀ', 'ବଂଶୀ ଶିକ୍ଷା' ପ୍ରଭୃତି ଗୀତିନାଟ୍ୟ ଓଡ଼ିଆ ପାଠକ ତଥା ଦର୍ଶକ ମହଲକୁ ବେଶ୍ ପ୍ରଭାବିତ କରିଅଛି। ତାଙ୍କ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' କୁ ଭିତ୍ତିକରି ରଚିତ ଏକ ଲାଳିକା (ଚବକ୍ସକ୍ଟୟଚ) 'ଚଟକ ଚନ୍ଦ୍ରହାସ ଚମ୍ପୂ' ମଧ୍ୟ ବହୁଳ ଆଦୃତ ଏକ ରଚନା।

- **ଡ. ମାୟାଧର ମାନସିଂହ (୧୯୦୫-୧୯୭୩) :**

ସବୁଜ ସମସାମୟିକ ଓଡ଼ିଆ ସାହିତ୍ୟର ଏକ ପ୍ରଚଣ୍ଡ ପ୍ରତିଭାଧର ଶିଳ୍ପୀ ହେଉଛନ୍ତି ମାୟାଧର ମାନସିଂ। ସମକାଳୀନ ସବୁଜ ସାହିତ୍ୟରେ ନିହିତ ପ୍ରେମ ଓ ପ୍ରଣୟ ପୂର୍ଣ୍ଣ ଅନେକ କବିତା ରଚନା କରିଥିଲେ ମଧ୍ୟ ସେ ସବୁଜ ଗୋଷ୍ଠୀ ମଧ୍ୟ ରେ ଆପଣାକୁ ଅନ୍ତର୍ଭୁକ୍ତ କରିନାହାନ୍ତି। ତାଙ୍କ କବିତାଗୁଡ଼ିକ ମଧ୍ୟ ରେ ରୋମାଣ୍ଟିକ୍ କାବ୍ୟର ଆଦର୍ଶ ପରିଲକ୍ଷିତ ହେବା ସଙ୍ଗେ ସଙ୍ଗେ ବାସ୍ତବବାଦୀ, ମାନବବାଦୀ ଓ ଆଧିଭୌତିକ ଦୃଷ୍ଟିଭଙ୍ଗୀ ଅନୁଭୂତ ହୋଇଥାଏ। ତାଙ୍କଦ୍ୱାରା ରଚିତ କବିତାଗୁଡ଼ିକ 'ଧୂପ', 'ହେମଶସ୍ୟ', 'ହେମପୁଷ୍ପ', 'କୋଣାର୍କ', 'ପ୍ରେମପୁଷ୍ପ', 'ପ୍ରେମଶସ୍ୟ', 'ମାଟିବାଣୀ', 'ଜୀବନ ଚିତା', 'ବାପୁ ତର୍ପଣ', 'ଅକ୍ଷତ', 'କୁଶ୍', 'ସିନ୍ଧୁ' ଓ 'ବିନ୍ଦୁ' ଇତ୍ୟାଦି କବିତା ସଙ୍କଳନ ମଧ୍ୟ ରେ ସ୍ଥାନିତ ହୋଇଅଛି। କେବଳ କବିତା ନୁହେଁ କାବ୍ୟ ରଚନା କ୍ଷେତ୍ରରେ ମଧ୍ୟ କବି ମାନସିଂ ମନୋନିବେଶ ପୂର୍ବକ ସାଫଲ୍ୟର ଅଧିକାରୀ ହୋଇପାରିଛନ୍ତି। ତାଙ୍କ 'ଉପେକ୍ଷିତା', 'ନିକ୍ୱଣ', 'ଶୁଭଦୃଷ୍ଟି', 'ସାଧବଝିଅ', 'ଜେମା', ଓ 'କମଳାୟନ' ତାଙ୍କ ରଚିତ କାବ୍ୟ ସମୂହ। ଏତଦ୍‌ବ୍ୟତୀତ 'ରାଜକବି', 'ପୁଷ୍ପିତା', 'ପୂଜାରିଣୀ', 'ନଷ୍ଟନୀଡ', 'ବାରବାଟୀ', 'ବୁଦ୍ଧ', 'ଶାସନଚକ୍ର', 'ଦୁର୍ଭିକ୍ଷ', ଇତ୍ୟାଦି କାବ୍ୟ ନାଟିକା ତାଙ୍କୁ ଯଶସ୍ୱୀ ପ୍ରତିଭାର ଅଧିକାରୀ କରିଅଛି। ଗଦ୍ୟ ସ୍ରଷ୍ଟା ଭାବରେ ମଧ୍ୟ ଡ. ମାନ ସିଂ ବିଶେଷ ଖ୍ୟାତି ଲାଭ କରିଛନ୍ତି। ତାଙ୍କ ରଚିତ 'କବି ଓ କବିତା', 'ଜୀବନପଥ', 'ଓଡ଼ିଆ ସମାଜ ଓ ସାହିତ୍ୟ', 'ଶିକ୍ଷା ଶିକ୍ଷକ ଓ ଶିକ୍ଷାୟତନ', ମାଟିର ମହାକବି ସାରଳାଦାସ, 'ଶିକ୍ଷାବିତ୍ ର ଗାଥା', 'ଓଡ଼ିଆ ସାହିତ୍ୟର ଇତିହାସ', 'ଗୀତା ମହାତ୍ମ୍ୟ' ଓ ସରସ୍ୱତୀ ଫକୀର ମୋହନ ଇତ୍ୟାଦି ପୁସ୍ତକ ତାଙ୍କ ଗଦ୍ୟ-ବ୍ୟକ୍ତିତ୍ୱର ଅପୂର୍ବ ପରିଚୟ ପ୍ରଦାନ କରିଥାଏ। ତାଙ୍କ ଦ୍ୱାରା ରଚିତ 'ଅନ୍ୱେଷଣ' ଉପନ୍ୟାସ ଓ ପଶ୍ଚିମ 'ପଥିକ' ଭ୍ରମଣ କାହାଣୀ ମଧ୍ୟ ଓଡ଼ିଆ ପାଠକମାନଙ୍କ ଦ୍ୱାରା ବହୁଳ ଭାବେ ଆଦୃତି ଲାଭ କରିଅଛି।

- **ରାଧାମୋହନ ଗଡ଼ନାୟକ (୧୯୧-୨୦୦୦) :**

ସମକାଳର ଅନ୍ୟତମ ଧୂରୀଣ ସ୍ରଷ୍ଟା ହେଉଛନ୍ତି ରାଧାମୋହନ ଗଡ଼ନାୟକ। କବି ଗଡ଼ନାୟକ ଛାତ୍ର ଜୀବନରୁ କବିତା ରଚନା କରିବା ଅୟମାରମ୍ଭ କରିଥିଲେ। ତେଣୁ, ଉତ୍ତର ଜୀବନରେ ସେ ଏକ ପରିପକ୍ୱ ସାହିତ୍ୟ ସ୍ରଷ୍ଟାର ଗୌରବ ଅର୍ଜନ କରିଥିଲେ। ତାଙ୍କ ଦ୍ୱରା ରଚିତ କବିତାଗୁଡ଼ିକ ମଧ୍ୟ ଅନନ୍ୟ ଓ ବୈଚିତ୍ର୍ୟପୂର୍ଣ୍ଣ। ବିଶେଷତଃ ଓଡ଼ିଆ ସାହିତ୍ୟର ଜଣେ ସଫଳ ଗାଥାକବି ଭାବରେ ମଧ୍ୟ ସେ ପରିଚିତ ହୋଇଛନ୍ତି। ତାଙ୍କ ଦ୍ୱାରା ରଚିତ 'ମୌସୁମୀ', 'ପଶୁପକ୍ଷୀର କାବ୍ୟ', 'ଶାମୁକାର ସ୍ୱପ୍ନ', 'ଧୂସର ଭୂମିକା', 'ସୂର୍ଯ୍ୟ ଓ ଅନ୍ଧକାର', 'ହୀରାଖଣ୍ଡର ଗାଥା' ଇତ୍ୟାଦି ଗ୍ରନ୍ଥଗୁଡ଼ିକ ମଧ୍ୟ ରେ ତାଙ୍କ ପ୍ରତିଭାର ଅଦ୍ଭୁତ ପରିଚୟ ମିଳିଥାଏ। 'କାବ୍ୟନାୟିକା' ଓ 'ଉତ୍କଳିକା' ମଧ୍ୟ ରେ ତାଙ୍କ କବି ଜୀବନର ଉତ୍କର୍ଷ ଅନୁଭୂତି ହୋଇଥାଏ। କେବଳ କାବ୍ୟ କବିତା ନୁହେଁ, ଓଡ଼ିଆ ଗଦ୍ୟ ସାହିତ୍ୟ ରଜ୍ବନାରେ ମନୋନିବେଶ କରି ମଧ୍ୟ କବି ଗଡ଼ନାୟକ ବହୁ ପ୍ରଶଂସିତ ହୋଇଛନ୍ତି। ତାଙ୍କ ରଚିତ 'ତୁଳସୀ ସ୍ତବକ ଓ ରାଧାନାଥ' 'ଓଡ଼ିଆ ସାହିତ୍ୟରେ ଗେ୍ରରି', 'ଓଡ଼ିଆ ଛାନ୍ଦ', 'ଓଡ଼ିଆ କବିତା କ୍ଷେତ୍ରରେ ଅନ୍ନଦାଶଙ୍କର' ଇତ୍ୟାଦି ଏହାର ସାର୍ଥକ ପରିଚୟ।

- **କୃଷ୍ଣଚନ୍ଦ୍ର ତ୍ରିପାଠୀ (୧୯୧୧-୯୭) :**

ସମସାମୟିକ ଅନ୍ୟତମ ପ୍ରସିଦ୍ଧ ସାହିତ୍ୟ ସ୍ରଷ୍ଟା ହେଉଛନ୍ତି କୃଷ୍ଣଚନ୍ଦ୍ର ତ୍ରିପାଠୀ। ତାଙ୍କ ବୃତ୍ତି ଥିଲା ଶିକ୍ଷକତା। ମାତ୍ର ବ୍ରତ ହେଉଛି ସାହିତ୍ୟ ସାଧନା ତାଙ୍କ କବିତାଗୁଡ଼ିକରେ ମଧ୍ୟ ପୂର୍ବ ଯୁଗ ଓ ସମକାଳର ଏକ ସୁ ସମନ୍ୱୟ ଅନୁଭୂତ ହୋଇଥାଏ। ତେଣୁ, ତାଙ୍କ ରଚିତ ସାହିତ୍ୟ ଗୁଡ଼ିକ ଅତ୍ୟନ୍ତ ବୈଚିତ୍ର୍ୟପୂର୍ଣ୍ଣ। ଜାତୀୟବାଦୀ ଚେତନା, ମାନବବାଦୀ ଚିନ୍ତାଧାରା, ବୈପ୍ଲବିକ ଦୃଷ୍ଟିଭଙ୍ଗୀ ଇତ୍ୟାଦି ତାଙ୍କ କବିତା ଗୁଡ଼ିକର ଅନ୍ତଃସ୍ୱର। ତାଙ୍କ ରଚିତ କବିତା ଗୁଡ଼ିକ 'ଦୀପ୍ତି', 'ଆହୂତ', 'ଅଗ୍ନିଶଙ୍ଖ', 'ମାଟିଦୀପ', 'ଉସ୍ୱ', 'ରୂପାୟନ', 'ସାଧକର ସ୍ୱପ୍ନ', 'ବେଳା ଓ ବୀଚି', 'ସଙ୍କେତ', 'ଆତ୍ମଲିପି', 'ପଥରେଣୁ', 'ମରୁମାଟିର ସ୍ୱପ୍ନ', 'ପାଇକ ମାଟିର ଗାଥା', 'ଗୋଧୂଳି', 'ନିଶଦ୍ଧର ଡାକ', 'କୁଟୀର ବଂଶୀ', 'ପଲ୍ଲୀ ପଥିକ', 'ତରୁ ଓ ତୃଣ' କବିତା ସଙ୍କଳନ ମଧ୍ୟ ରେ ସନ୍ନିବଦ୍ଧ ହୋଇଅଛି।

- **କୁଞ୍ଜବିହାରୀ ଦାଶ (୧୯୧୪-୯୪) :**

ସମକାଳୀନ ଅନ୍ୟତମ ଯଶସ୍ବୀ ସାହିତ୍ୟ ସାଧକ ହେଉଛନ୍ତି ଡ. କୁଞ୍ଜବିହାରୀ ଦାଶ। ସେ କାବ୍ୟ କବିତ, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ସମାଲୋଚନା, ଆତ୍ମ ଜୀବନୀ, ଭ୍ରମଣ କାହାଣୀ ଇତ୍ୟାଦିରେ ଲେଖନୀ ଚଳନା ପୂର୍ବକ ବହୁଳ ଆଦୃତି ଲାଭ କରିଛନ୍ତି। ତାଙ୍କ କାବ୍ୟ କବିତାଗୁଡ଼ିକରେ ଜାତୀୟତାବାଦୀ, ମାନବବାଦୀ, ବିପ୍ଳବୀ ଓ ଆଦର୍ଶବାଦୀ ସ୍ୱର ଶୁଣିବାକୁ ମିଳିଥାଏ। ତାଙ୍କ ଅମୃତ ଲେଖନୀ ନିଃସୃତ ସାରସ୍ୱତ କୃତି ଗୁଡ଼ିକ ହେଉଛି 'ଛିନ୍ନ ହସ୍ତା', 'ପ୍ରଭାତୀ', 'ବୀରଶ୍ରୀ', 'ନବମାଳିକା', 'ମାଟି ଓ ଲାଠି', 'କଙ୍କାଳର ଲୁହ', 'ସେ ଏକ ଲୋମଶ ନୀଳ ହାତି', 'କଳକଲ୍ଲୋଳ', 'ଡୁଡୁମା', 'ବାଗ୍ରା', 'ଅପରାହ୍ଣର କେତୋଟି ସ୍ୱର', ଇତ୍ୟାଦି କବିତା ଗୁଚ୍ଛ, 'ମଣିମା ଶୁଣିମା ହେଉ', 'ମଶାଣିର ତୁଳସୀ', 'କି କଥା ?', 'କଲିକତା' ଓ 'ଗ୍ରାମାୟଣ' ଇତ୍ୟାଦି ଉପନ୍ୟାସ, 'ଶ୍ରୀମନ୍ତ'

ରମ୍ୟରଚନା 'ଲୋକଗଳ୍ପ ସଞ୍ଚୟନ' (୩ ଖଣ୍ଡ), ଲୋକବାଣୀ ସଞ୍ଚୟନ (୩ ଖଣ୍ଡ) 'ସାହିତ୍ୟିକ', 'ସାହିତ୍ୟ ଓ ସମାଲୋଚନା', 'ସାହିତ୍ୟ ଏକ ଆଲୋକ ଆଲୋକନ' ଇତ୍ୟାଦି ଗବେଷଣାତ୍ମକ ଓ ସମାଲୋଚନା ଗ୍ରନ୍ଥ, 'ଡମାଡମ୍ ଡିମ୍', 'ଖେଳସାଥୀ' ଇତ୍ୟାଦି ଶିଶୁ ସାହିତ୍ୟ। ଉକ୍ତ ଅସଂଖ୍ୟ ଗ୍ରନ୍ଥ ରଚନା ପୂର୍ବକ ଡ. ଦାଶ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ ଓ ସମୃଦ୍ଧଶାଳୀ କରିଯାଇଛନ୍ତି।

## ୩.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।**

(କ) କୁନ୍ତଳା କୁମାରୀ

(ଖ) ପଦ୍ମଚରଣ ପଟ୍ଟନାୟକ

(ଗ) କାନ୍ତକବି

(ଘ) ରାଧାମୋହନ ଗଡ଼ନାୟକ

(ଙ) କୃଷ୍ଣଚନ୍ଦ୍ର ତ୍ରିପାଠୀ

(ଚ) ଡ. ମାୟାଧର ମାନସିଂ

(ଛ) କୁନ୍ତଳା କୁମାରୀଙ୍କ ଉପନ୍ୟାସ

(ଜ) ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଗୀତିନାଟ୍ୟ

(ଝ) ଡ. ମାୟାଧର ମାନସିଂଙ୍କ ସମାଲୋଚନା

(ଞ) ରାଧାମୋହନ ଗଡ଼ନାୟକଙ୍କ ଗାଥା କବିତା

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

(କ) ସବୁଜ ସମସାମୟିକ ଅନ୍ୟାନ୍ୟ ସାହିତ୍ୟିକମାନଙ୍କ ପରିଚୟ ପ୍ରଦାନ କର।

(ଖ) ସବୁଜ ସମସାମୟିକ ଅନ୍ୟାନ୍ୟ ସାହିତ୍ୟିକମାନଙ୍କ ମଧ୍ୟ ରୁକେଉଁ କେଉଁ କବି କବିତା ବ୍ୟତୀତ ଅନ୍ୟ ସାହିତ୍ୟ ରଚନାରେ ଯଶସ୍ୱୀ ହୋଇଛନ୍ତି ଆଲୋଚନା କର।

## ୩.୬ ସହାୟକ ଗ୍ରନ୍ଥସୂଚୀ


- ଆଚାର୍ଯ୍ୟ, ବୃନ୍ଦାବନ ଚନ୍ଦ୍ର (୨୦୧୨) ଓଡ଼ିଆ ସାହିତ୍ୟର ସଂକ୍ଷପ୍ତ ପରିଚୟ ଗ୍ରନ୍ଥମନ୍ଦିର କଟକ।
- ବେହୁରା, ରାଧାଶ୍ୟାମ (୨୦୦୭) ସାହିତ୍ୟିକ ମାନସିଂ, ସାଇସଦନ, ଜଗତସିଂ ପୁର
- ମହାରଣା, ଡ. ସୁରେନ୍ଦ୍ର କୁମାର (୨୦୧୫) ଓଡ଼ିଆ ସାହିତ୍ୟର ଇତିହାସ- ଓଡ଼ିଶା ବୁକ୍‌ଷ୍ଟୋର୍ସ, କଟକ।
- ଶତପଥୀ, ଡ. ନିତ୍ୟାନନ୍ଦ (୨୦୧୧) ସବୁଜରୁ ସାମ୍ପ୍ରତିକ ଗ୍ରନ୍ଥମନ୍ଦିର, କଟକ।
- ସାରଳା ସାହିତ୍ୟ ସଂସଦ (୨୦୧୪) ଉତ୍କଳ ଭାରତୀ କୁନ୍ତଳା କୁମାରୀ, ଓଡ଼ିଶା ବୁକ୍‌ଷ୍ଟୋର୍ସ, କଟକ।

# ଚତୁର୍ଥ ଏକକ : ସମସାମୟିକ ସାହିତ୍ୟିକଙ୍କ ସାହିତ୍ୟର ବିଭିନ୍ନ ଦିଗ

**ବିଷୟ ଗଠନ :**

୪.୧ ପଠନର ଉଦ୍ଦେଶ୍ୟ

୪.୨ ଶିକ୍ଷଣୀୟ ବିଷୟ

୪.୩ ବିଷୟ ପ୍ରବେଶ

୪.୪ ସବୁଜ ସମସାମୟିକ ଅନ୍ୟାନ୍ୟ ସାହିତ୍ୟିକଙ୍କ କବିତାର ବିଭିନ୍ନ ଦିଗ

୪.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୪.୬ ସହାୟକ ଗ୍ରନ୍ଥସୂଚୀ

## ୪.୧ ପଠନର ଉଦ୍ଦେଶ୍ୟ

ସବୁଜ ଓ ପ୍ରଗତିବାଦୀ ବିଭିନ୍ନ କବି ଉକ୍ତ ଉଭୟ ଧାରାଠାରୁ ବିଚ୍ଛିନ୍ନ ରହି ଏକକ ଓ ନିରବଚ୍ଛିନ୍ନ ଭାବେ ସାହିତ୍ୟ ସାଧନାରେ ବ୍ରତୀ ହୋଇଥିଲେ। ମୁଖ୍ୟତଃ ସେମାନେ ଯୁଗ ସନ୍ଧିକ୍ଷଣର କବି ହୋଇଥିବା ଯୋଗୁଁ ସେମାନଙ୍କ କବିତାଗୁଡ଼ିକ ମଧ୍ୟରେ ପୂର୍ବବର୍ତ୍ତୀ ସତ୍ୟବାଦୀ କବିମାନଙ୍କ କବିତାରେ ପରିଦୃଷ୍ଟ ହେଉଥିବା ତୁଙ୍ଗ ଜାତୀୟବାଦୀ ଚିନ୍ତାଧାରା ସହିତ ପରିବର୍ତ୍ତିତ ପରିସ୍ଥିତି ସହିତ ବିଭିନ୍ନ ପ୍ରକାର ସାହିତ୍ୟଦର୍ଶର ପ୍ରୟୋଗ ଘଟିଅଛି। ଉକ୍ତ କବିବୃନ୍ଦ ଅନେକାଂଶରେ ଶିକ୍ଷା ଓ ସଂସ୍କୃତି ସହିତ ହୋଇ ରହିଥିଲେ। ସମକାଳୀନ ଓଡ଼ିଶାରେ ଯେଉଁ ବ୍ୟାପକ ପରିବର୍ତ୍ତନ ସାଧିତ ହୋଇଥିଲା ତାକୁ ସେମାନେ ହୃଦୟଙ୍ଗମ କରିଥିଲେ। ସାଧାରଣତଃ ସମସାମୟିକ ସମାଜନ ଜୀବନ ସହିତ ରହିଥିଲା ତାଙ୍କ ନିବିଡ଼ ସଂଶ୍ଳିଷ୍ଟତି। ସେମାନେ ଓଡ଼ିଶାର ସାମାଜିକ ଜୀବନର ଚେତନାକୁ ଗଭୀର ଭାବରେ ସ୍ପର୍ଶ କରି ପାରିଥିଲେ। ତେଣୁ, ସେମାନଙ୍କ ରଚିତ କବିତା ଗୁଡ଼ିକରେ ସାଧାରଣ ମଣିଷ ଜୀବନର ନିଛକତା ଓ ବାସ୍ତବତା ସମ୍ମିଶ୍ରିତ ହୋଇ ରହିଅଛି। ସେହି ଦୃଷ୍ଟିକୋଣରୁ ଏହି ସମୟଖଣ୍ଡର କବିତା ମଧ୍ୟରେ ଯେଉଁ ବିଭିନ୍ନ ଦିଗ ରହିଛି ତାକୁ ଅଧ୍ୟୟନ କରିବା ଏକାନ୍ତ ଅପରିହାର୍ଯ୍ୟ।

## ୪.୨ ଶିକ୍ଷଣୀୟ ବିଷୟ

- ସବୁଜ ସମସାମୟିକ ସାହିତ୍ୟର ବିଭିନ୍ନ ଦିଗ
- ଜାତୀୟବାଦୀ ଚିନ୍ତାଧାରା
- ଆଧିଭୌତିକ ଚେତନା
- ବାସ୍ତବବାଦୀ ଚେତନା
- ପ୍ରେମ ଓ ପ୍ରଣୟ

## ୪.୩ ବିଷୟ ପ୍ରବେଶ

ଓଡ଼ିଆ ସବୁଜ ଓ ପ୍ରଗତି ଯୁଗର କବବୃନ୍ଦ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଆଦର୍ଶକୁ ଉପଜୀବ୍ୟ କରି ତଦୀୟ କବିତାଗୁଡ଼ିକ ରଚନା କରିବା ପାଇଁ ସଚେଷ୍ଟା ହୋଇଥିଲେ। ମାତ୍ର ସମସାମୟିକ କବିବୃନ୍ଦ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ଆଦର୍ଶର ବଶବର୍ତ୍ତୀ ନ ରହି ସମକାଳୀନ ସମାଜକୁ ଗଭୀର ଓ ବ୍ୟାପକ ଦୃଷ୍ଟିରେ ଅବଲୋକନ କରିଥିଲେ ଓ ତାକୁ ଭିତ୍ତି କରି କବିତା ରଚନା ପାଇଁ ଯତ୍ନଶୀଳ ହୋଇଥିଲେ। ତେଣୁ, ଏହି କବିମାନଙ୍କ କବିତାର ସ୍ୱରରେ ବିବିଧତା ଓ ବୈଚିତ୍ର୍ୟ ପରିଲକ୍ଷିତ ହୋଇଥାଏ। ଏମାନେ ପାରମ୍ପରିକ ସାହିତ୍ୟର ଧାରାକୁ ଆଦୌ ପରିବର୍ଜନ କରିନାହାନ୍ତି; ବରଂ ତହିଁରୁ ଆଦର୍ଶ ଗ୍ରହଣ ପୂର୍ବକ ସାହିତ୍ୟ ରଚନା କରିଛନ୍ତି। ତେଣୁ, ସ୍ୱତଃ ତାଙ୍କ ପରିସର ବ୍ୟାପକ ଓ ବିସ୍ତୃତ ହୋଇ ଉଠିଛି। ତେଣୁ, କୌଣସି ନିର୍ଦ୍ଦିଷ୍ଟ ଯୁଗ ମଧ୍ୟ ରେ ସୀମିତ ନ ରହିଲେ ମଧ୍ୟ ଏହି କାଳରେ ରଚିତ କବିତା ଓଡ଼ିଆ ପାଠକ ହୃଦୟକୁ ଗଭୀର ଭାବେ ପ୍ରଭାବିତ କରିଥାଏ।

## ୪.୪ ସବୁଜ ସମସାମୟିକ ଅନ୍ୟାନ୍ୟ ସାହିତ୍ୟିକଙ୍କ କବିତାର ବିଭିନ୍ନ ଦିଗ

- **ଜାତୀୟତାବାଦୀ ଚିନ୍ତାଧାରା :**

ଉକ୍ତ ସମୟଖଣ୍ଡ ପୂର୍ବରୁ ଓଡ଼ିଆ ସାହିତ୍ୟରେ ରହିଥିଲା ସତ୍ୟବାଦୀ ଯୁଗ। ସତ୍ୟବାଦୀ ସାଧକମାନେ ଥିଲେ ଉଗ୍ର ଜାତୀୟବାଦୀ। ସାଧାରଣତଃ, ଦୁର୍ଦ୍ଦଶ ଇଂରେଜ ବିରୋଧୀ ସ୍ୱର ସହିତ ଉତ୍କଳୀୟ ଜୀବନର ମହତ୍ତ୍ୱ ଓ ପରମ୍ପରାର ସମ୍ପ୍ରସାରଣ ଥିଲା। ସେମାନଙ୍କ ଜାତୀୟତାବାଦର ମୂଳମନ୍ତ୍ର। ଉକ୍ତ ସମୟଖଣ୍ଡର କବିମାନେ ମଧ୍ୟ ସେହି ଚିନ୍ତାଧାରା ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଛନ୍ତି। ଏମାନଙ୍କ କବିତା ମଧ୍ୟ ରେ ସୁପ୍ତ ପ୍ରାଣ ଉତ୍କଳୀୟ ତଥା ଭାରତୀୟ ହୃଦୟରେ ନବଜାଗୃତି ସୃଷ୍ଟି ନିମିତ୍ତ ଉଦାତ୍ତ ବାଣୀ ଝଙ୍କୃତ ହୋଇଅଛି। କବୟିତ୍ରୀ କୁନ୍ତଳା କୁମାରୀ ଦେଶ ପାଇଁ ଆପଣାର ପ୍ରାଣ ବିସର୍ଜନ କରିବା ପାଇଁ ଭାରତୀୟ ଯୁବକମାନଙ୍କୁ ଆହ୍ୱାନ କରିଛନ୍ତି ତାଙ୍କ 'ଆହ୍ୱାନ' କବିତାରେ। କବିଙ୍କ ଭାଷାରେ –

"ସାବରମତୀର ସ୍ୱରାଜ୍ୟ ସୈନିକ
ଉଠ ଭାରତର ଯୁବକ ନିର୍ଭୀକ
ଉଠ ଭାରତର ବୀରପୁତ୍ର ଯାକ
ସେନାପତି ଆଜି ଦେଇଛନ୍ତି ଡାକ।"

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଥିଲେ ପ୍ରକୃତି ପକ୍ଷରେ ଜଣେ ଜାତୀୟବାଦୀ। ଛାତ୍ର ଜୀବନରୁ ସେ ଜାତୀୟତାର ମନ୍ତ୍ରରେ ଉଦ୍‌ବୁଦ୍ଧ ଥିଲେ। ତେଣୁ, ସେ ଭାରତୀୟ ମାନଙ୍କୁ ଦେଶର ରକ୍ଷା ନିମିତ୍ତ ଉଦ୍‌ବୁଦ୍ଧ କରିଛନ୍ତି:-

"ଜାତିର ଜୀବନ ଆକାଶେ ଆସିଛି
ବିପଦ ବଉଦ ମାଡ଼ି
କିଏ କାହିଁ ଅଛ ବୀର ସନ୍ତାନ

ଆସରେ ଅଳସ ଛାଡ଼ି
ପୂର୍ଣ୍ଣ ଆହୁତି ଡାକ ପଡ଼ିଲାଣି
ଆସ ଲୋ ସଙ୍ଗିନୀ
ଆସ ବୀର ମାତା, ବୀରର ଘରଣୀ
ଆସ ରଙ୍ଗ ରଙ୍ଗିଣୀ।"

କବି ପଦ୍ମଚରଣ ପଟ୍ଟନାୟକ 'ତ୍ରିବେଣୀ ତଟେ', 'ଖୋରଧା ପ୍ରଥମ ଦର୍ଶନେ. 'ଧଉଳି ପାହାଡ଼' ଇତ୍ୟାଦି ଜାତୀୟବୋଧରେ ଜର୍ଜ୍ଜରିତ କବିତାଚୟ। କବି ପଟ୍ଟନାୟକ ଉତ୍କଳର ଦୁର୍ଦ୍ଦଶାକୁ ଅନୁଭବ କରି ଦୁଃଖ ଅନୁଭବ କରିଛନ୍ତି ଓ ତଦ୍ ମାଧମରେ ଆପଣାର ଅସ୍ତିତ୍ୱ ପାଇଁ, ଆପଣାର ସ୍ୱାଧୀନତା ପାଇଁ ସଂଘର୍ଷ କରିବା ନିମିତ୍ତ ଆହ୍ୱାନ କରିଛନ୍ତି। କବି ଉତ୍କଳର ସାଧାରଣ ଜନତାଙ୍କୁ ଉଦ୍‌ବୋଧିତ କରି କହିଛନ୍ତି।

"ଏହିପରି ସିନା କଳିଙ୍ଗ ତପନ
ବୁଡ଼ିଗଲେ ଦିନେ ଦରିଆ ତୀରେ
ଏହିପରି ସିନା କଳିଙ୍ଗ ବୀରତ୍ୱ
ଭାସିଗଲା କାଳ-ସାଗର ନୀରେ
କେତେ ଜାତି ହାତ ଧରି ଆମେ
ଆଗୁଆ ହୋଇଣ ରଖିଲେ ନାମ
ସତ୍ୟ ସାହସର ଜନମ ଭୂମିକୁ
ସତେ ବିଧି ମୋର ହୋଇଲେ ବାମ।"

କବି ରାଧାମୋହନ ଗଡ଼ନାୟକ ମଧ ତତ୍କାଳୀନ ଉତ୍କଳର ଦୁର୍ଦ୍ଦଶା ଅବଲୋକନ କରି ହୋଇ ଉଠିଛନ୍ତି ମର୍ମାହତ। ତେଣୁ, 'ଚିଲିକା' ହ୍ରଦକୁ ସମ୍ବୋଧନ କରି ସେ ଆପଣାର ଖେଦ ପ୍ରକାଶ କରିଛନ୍ତି ;-

"ଉତ୍କଳର ଏହି ଦଶା ବିପର୍ଯ୍ୟରେ
କି ଭାବୁଛୁ ତୁହି ଆପଣା ହୃଦୟେ ?
କି ଥିଲା ଏ ଦେଶ କି ହେଲା ଏ ଆଜ
ଦେଖି କରି ତୋତେ ମାଡ଼େନା କି ଲାଜ।" (ତୁହିଁକି ଚିଲିକା)

ସୁତରାଂ, ସମସାମୟିକ କବିବୃନ୍ଦ ଥିଲେ ଜାତୀୟତାବାଦୀ। ଦେଶ ପାଇଁ, ଜାତି ପାଇଁ ସେମାନଙ୍କ ହୃଦୟ କ୍ରନ୍ଦନ କରି ଉଠିଛି। ତେଣୁ ଦେଶ ଓ ଜାତିର ସମ୍ମାନ ରକ୍ଷା ସକାଶେ ସଂଗ୍ରାମ କରିବା ନିମିତ୍ତ ସେମାନେ ଦେଶବାଦୀଙ୍କୁ ଆହ୍ୱାନ ଜଣାଇଛନ୍ତି ସ୍ୱକୀୟ କବିତା ମଧ ରେ।

- **ଆଧିଭୌତିକ ଚେତନା :**

ସମକାଳୀନ କବିତା ମଧ୍ୟ ରେ ନିହିତ ଅନ୍ୟତମ ଉଲ୍ଲେଖନୀୟ ଦିଗ ହେଉଛି ଆଧି ଭୌତିକ ଚେତନା (Metaphysical concept)। ଏହି ଜାଗତିକ ସଂସାରର ଉର୍ଦ୍ଧ୍ୱରେ ଏକ ଅଚିନ୍ତନୀୟ ଶକ୍ତି ରହିଛନ୍ତି ଓ ସେ ଏହି ସଂସାରକୁ ପରିଚାଳନା କରୁଛନ୍ତି। ସେହି ଶକ୍ତିର ସ୍ୱରୂପକୁ ଅନୁଧ୍ୟାନ କରିବା ବା ସେହି ଶକ୍ତି ନିକଟରେ ଆପଣାକୁ ଉତ୍ସର୍ଗ କରିଦେବାର ଭାବନା ଆଧିଭୌତିକ ଚେତନାର ମୂଳବିନ୍ଦୁ। ସମକାଳରେ ବିଭିନ୍ନ କବିଙ୍କ କବିତାରେ ଏହି ଚେତନାର ପରିପ୍ରକାଶ ଘଟିଅଛି।

କବି କୁନ୍ତଳା କୁମାରୀଙ୍କ ଆଦ୍ୟ ପର୍ଯ୍ୟାୟର କବିତାଗୁଡ଼ିକରେ ଏହି ଚେତନାର ସଫଳ ଅନୁଭବ ଦେଖାଯାଇଥାଏ। ସେ ସ୍ୱକୀୟ ଆକୁଳେ, କବିତାରେ ଏହି ଉପଲବ୍ଧିରେ ଆଚ୍ଛନ୍ନ ହୋଇ ପଡ଼ିଛନ୍ତି। କବିଙ୍କ ଭାଷାରେ :-

"ଏତେ ସେ ନିକଟ ହୋଇଅଛି ମୋର ତେଣୁ ଦେଖିପାରୁନାହିଁ
ଆଖି ଦେଖେ ସବୁ ତଥାପି ନିଜର ତାରାକୁ ନ ପାରେ ଚାହିଁ।"

କାନ୍ତକବି ଲକ୍ଷ୍ମୀକାନ୍ତ ଯେତେବେଳେ ସଂସାରର ଦାରୁଣ ବ୍ୟଥା ଓ ବେଦନାରେ ଜର୍ଜରିତ ହୋଇଛନ୍ତି, ସେତେବେଳେ ସେ ଲୋଡ଼ିଛନ୍ତି ସେହି ଅଲୌକିକଙ୍କ ସାନ୍ନିଧ୍ୟ। ସେ ଅନୁଭବ କରିଛନ୍ତି।

"ଫୁଲଟି ମୋର ଯେବେ ଯାଏ ଝରି
ସେ ତୋ କୁଞ୍ଜବନେ ଯାଇ ଫୁଟଇ ହେ,
ଗୀତଟି ମୋର ଯେବେ ଯାଏ ସରି
ସେ ତ ଗୁଞ୍ଜରଣେ ଜାଗି ଉଠଇ ହେ।" (ମଉଳା ଏ ଫୁଲବନେ)

କବି ପଦ୍ମଚରଣ ପଟ୍ଟନାୟକ ମଧ୍ୟ ଆପଣାର ଜୀବନ ଜଞ୍ଜାଳ ଭିତରେ ସୁଦ୍ଧା ଅନୁଭବ କରିଛନ୍ତି ସେହି ଅଲୌକିକ ଶକ୍ତିକୁ। ତାଙ୍କ ସ୍ମରଣରେ ଏକ ଚିରନ୍ତନ ଶାନ୍ତିର ସ୍ରୋତ ଖେଳିଯାଇଛି ତାଙ୍କ ହୃଦୟରେ। ତେଣୁ, ସେ ତାଙ୍କ ନିକଟରେ ଅନୁରୋଧ କରିଛନ୍ତି :-

"ଚିରକାଳ ଏହି ରଶ୍ମି, ରଖିଯାଅ ମୋହ ପାଇଁ
ହେ ମୋର ଅନ୍ତର ଦେବ, ହେ ମୋର ଜୀବନ ସାଇଁ
ଏହି ମୃଦୁମନ୍ଦ ହାସ୍ୟ, ଏହି ମନ, ଏହି ଖେଳ
ଚିରକାଳ ମୋ ଜୀବନେ ଲଭୁଥାଉ ମଧୁମେଳ।" (ଯୌବନର ବାସନା)

କବି ମାୟାଧର ମାନସିଂ ତାଙ୍କ କାବ୍ୟ ଚେତନା ମଧ୍ୟ ରେ ଜଗତରେ ରହସ୍ୟକୁ ଅନୁସନ୍ଧା କରିଛନ୍ତି ସେତେବେଳେ ସେ ସାକ୍ଷାତ ପାଇ ପାରିଛନ୍ତି ଏହି ଜଗତର ସୃଷ୍ଟି କର୍ତ୍ତାଙ୍କ। ତେଣୁ, ତନ୍ମଧ୍ୟରେ ଆତ୍ମଲୀନ ହୋଇ ଗାଇ ଉଠିଛନ୍ତି।

"ସନ୍ଧାନ ମିଳଇ ଏକ ବିରାଟ ସ୍ରଷ୍ଟାର
ସ୍ତବ୍ଧ ଚିତ୍ତବୃତ୍ତି କରେ ମହିମା ଯାହାରା।" (ହେମଶସ୍ୟ)

କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ମଧ୍ୟ ଯେତେବେଳେ ଜୀବନର ସଂଘର୍ଷପୂର୍ଣ୍ଣ ସ୍ଥିତି ମଧ୍ୟ ରେ ସେହି ଅରୂପ ସ୍ମରଣ କରିଛନ୍ତି, ସେତେବେଳେ ଏକ ଶାନ୍ତିର ଶୀତଳ ଅନୁଭୂତି ତାଙ୍କୁ ଆତ୍ମହରା କରିଦେଇଛି। ତେଣୁ, ତାଙ୍କ ନିକଟରେ ସେ ପ୍ରାର୍ଥନା କରିଛନ୍ତି।

"ମହା ଅନ୍ଧାରେ ଟିକିଏ ଆଲୋକ ଦିଅ
ପ୍ରାଣମୟ ମୋତେ କରିବାକୁ ଧରଣୀୟ
ତୁମେ ତ କରିବ ପାରି
ତୁମରି ଟିକିକ କାନ୍ତ ପରଶ ଘେନି
ସିନ୍ଧୁ ବେଳାରେ ହସି ମୁଁ ପାରିବି ଚଳି।" (ବିରାଟ ଧ୍ୟାନେ)

ସୁତରାଂ, ସମସାମୟିକ କବିବୃନ୍ଦ, ଏହି ସଂସାରର ଉର୍ଦ୍ଧ୍ୱରେ ଅବସ୍ଥାନ କରୁଥିବା ଏକ ଅଲୌକିକ ଶକ୍ତିକୁ ଅନୁଭବ କରିଛନ୍ତି ସ୍ୱକୀୟ କବିତାଗୁଡ଼ିକ ମଧ୍ୟ ରେ ତାହା ସେମାନଙ୍କ କବିତା ଗୁଡ଼ିକରେ ଭିନ୍ନ ସ୍ୱର ଓ ସ୍ୱାଦ ସୃଷ୍ଟି କରିଅଛି।

- **ବାସ୍ତବବାଦୀ ଚେତନା :**

ସମକାଳୀନ କବିବୃନ୍ଦ ଥିଲେ ତୀବ୍ର ବାସ୍ତବବାଦୀ ସେମାନେ ଯେଉଁ ସମାଜ ମଧ୍ୟ ରେ ଜୀବନ ଧାରଣ କରିଛନ୍ତି, ତାର ବାସ୍ତବତା ଓ ନିଛକତା ତାଙ୍କର କାବ୍ୟ ଚେତନାକୁ ଗଭୀର ଭାବରେ ପ୍ରଭାବିତ କରିଅଛି। ତେଣୁ, ଏହି କବିବୃନ୍ଦ ସେହି ଭାବକୁ ଅତି ସରଳ ଓ ସାବଲୀଳ ରୀତିରେ ପରିବେଷଣ କରିଛନ୍ତି ସ୍ୱକୀୟ କବିତାରେ।

କବୟିତ୍ରୀ କୁନ୍ତଳା କୁମାରୀ ଆଦ୍ୟ ପର୍ଯ୍ୟାୟରେ ବିଭୁପ୍ରେମରେ ଆଚ୍ଛନ୍ନ ହୋଇ ରହିଥିଲେ ହେଁ ଶେଷ ପର୍ଯ୍ୟାୟରେ ହୋଇ ଉଠିଛନ୍ତି ତିବ୍ର ବାସ୍ତବବାଦୀ। 'ଗଡ଼ଜାତ କୃଷକ' କବିତାରେ ସାମାଜିକ ବୈଷମ୍ୟକୁ ସନ୍ଦର୍ଶନ କରି କବିଙ୍କ ହୃଦୟ ହୋଇଉଠିଛି ଉଦ୍‌ବେଳିତ। ତେଣୁ, ସେ 'ଗଡ଼ଜାତର କୃଷକ'କୁ ସମ୍ବେଦନା ଜଣାଇ ଛାଇ ଉଠିଛନ୍ତି -

"ଗୋକୁଳି ନାଏକ, ଗୋକୁଳି ନାଏକ ସବୁ ତୁ ସାହୁ
ମିଛରେ ତାକୁ ତୁ ଭଣ୍ଡ ଠାକୁରଙ୍କୁ ହେ ମହାପ୍ରଭୁ!
ପଥର ପଥିକ ଥିବ ଚିରକାଳ, ବୋଲି ସିନ୍ଦୂର
ଡାକିଲେ ତୋ ଦୁଃଖ ଶୁଣିବ କି ସେ ରେ, ହେଲୁ ବାତୁଳ?"

କବି ମାୟାଧର ମାନସିଂହଙ୍କ ମଜ୍‌ଦୁର କବିତାରେ ତୀବ୍ର ବାସ୍ତବବାଦୀ ଚିନ୍ତାଧାରାର ପ୍ରୟୋଗ ଘଟିଛି। ସେ ମଧ୍ୟ ସମକାଳୀନ ସମାଜରେ ନିହିତ ବୈଷମ୍ୟକୁ ଉପଲବ୍ଧି କରି ମର୍ମାହତ ହୋଇ ଉଠିଛନ୍ତି। ତାଙ୍କ ଭାଷାରେ-

"ଜଣେ ଲୋକର ଏତେ ଯେ ଧନ,
ଶୂନ୍ୟ କୋଟି ଲୋକ
ଜଣେ ଲୋକର ଭୋଗ ବିଳାସ
ଆଉ ସବୁର ଭୋକ।"

କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ସ୍ୱକୀୟ 'ଆଲିଙ୍ଗନ' କବିତାରେ ସମାଜର ସ୍ପୃଶ୍ୟ-ଅସ୍ପୃଶ୍ୟ ଭେଦ ଭାବ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ ପରିକଳ୍ପନା କରିଛନ୍ତି ଯେ, ଯେତେବେଳେ ଏହି ସମାଜର ଉଚ୍ଚ ଜାତିର ଲୋକେ ଅସ୍ପୃଶ୍ୟ ଗୃହକୁ ଆଗମନ ପୂର୍ବକ ଅଛୁଆକୁ ଆଲିଙ୍ଗନ କରିବେ, ସେତେବେଳେ ସମାଜରେ ସୃଷ୍ଟି ହେବ ଚିରନ୍ତନ ଶାନ୍ତି। କବିଙ୍କ ଭାଷାରେ :-

"ଅଛୁଆର ଘରେ ଘରେ ହେଉ ଆଜି ଆମର ଉତ୍ସବ
ଆର୍ଯ୍ୟଋଷି ପୂଣ୍ୟ ଗୀତା ପାଠ,
ରହୁ ଭାରତେ ଆଜି ଏକଇ ମାନବ ଜାତି
ହେଉ ଅଛୁଆ ତାହାର ସମ୍ରାଟ।"

କବି କୁଞ୍ଜବିହାରୀ ଦାଶ ମଧ୍ୟ ବାସ୍ତବ ଜୀବନକୁ ଅତି ତଲ୍ଲୀନ ଦୃଷ୍ଟିରେ ଦେଖିଛନ୍ତି ଏକ ପାଗଳୀ ଜୀବନର ମର୍ମବେଦନା କବିଙ୍କ ହୃଦୟରେ ସୃଷ୍ଟି କରିଛି ଉଦ୍‌ବେଳନ। ସେ ତା ପ୍ରତି ସମ୍ବେଦନଶୀଳ ହୋଇ ଗାଇ ଉଠିଛନ୍ତି-

"ଯାହାର ଖଟି ଖଟି ଝଡ଼ାଇ ଦେଲା ଯଉବନ
ରକତ ଢ଼ାଳି ଦେଲା କୋଠିକି କୋଠି ଭରି ଧନ,
ଆଡ଼ ଆଖିରେ ସିଏ ରହୁଁ ତ ନାହିଁ
ଯମର ଦେଖ କେଡ଼େ ଅହନ୍ତା ଦେଖ ନେଉ ନାହିଁ।" (ବାଇଆନେ)

ଏହିଭଳି ସମକାଳର କବିବୃନ୍ଦ ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ ନେଇ ସମାଜକୁ ସନ୍ଦର୍ଶନ କରିଛନ୍ତି। ତାହା ତାଙ୍କ କବିତାକୁ ରସାପ୍ଲୁତ କରିବା ସଙ୍ଗେ ସଙ୍ଗେ କବିତା ମଧ୍ୟ ରେ ଭିନ୍ନ ସ୍ୱର ଗଢ଼ି ତୋଳିଛି।

- **ପ୍ରେମ ଓ ପ୍ରଣୟ :**

ସମକାଳୀନ କବିତାର ଅନ୍ୟତମ ଉଲ୍ଲେଖନୀୟ ଦିଗ ହେଉଛି ପ୍ରେମ ଓ ପ୍ରଣୟର ପରିପ୍ରକାଶ। ସମକାଳରେ ସବୁଜ କବିବୃନ୍ଦ ପାଶ୍ଚାତ୍ୟ ରୋମାଣ୍ଟିକ୍ କାବ୍ୟ ଚେତନାକୁ ଉପଜୀବ୍ୟ କରି କବିତା ରଚନା କରିବା ବେଳେ ଏହି କାଳର କବିମାନେ ହୃଦୟ ମଧ୍ୟ ରେ ପ୍ରବାହିତ ପ୍ରେମ ଓ ପ୍ରଣୟର ଆବେଗାତ୍ମକ ଅନୁଭବକୁ ଅତ୍ୟନ୍ତ ଚମତ୍କାର ଭାବେ ରୂପାୟନ କରିଛନ୍ତି।

କବୟିତ୍ରୀ କୁନ୍ତଳା କୁମାରୀ ଆପଣାକୁ ଈଶ୍ୱରଙ୍କ ପରମ ପ୍ରିୟତମା ପ୍ରେମିକା ଭାବରେ ଦୃଦୟର ଅର୍ଘ୍ୟ ବାଢ଼ି ଦେଇଛନ୍ତି। ପ୍ରେମାନୁଭବର ଶୀର୍ଷତମ ସୋପାନକୁ ଯାଇ ସେ ଆବେଗାତ୍ମକ ଭାବେ ବର୍ଣ୍ଣନା କରିଛନ୍ତି।

"ତୁମ ଗୀତ ପଦ ଗାଇବାକୁ ଦେଲ ମୋତେ ଦିଅ ରାଗରାଗିଣୀ
ତୁମରି ଲଳିତ ବେଣୁ ବାଇବାକୁ ଅଙ୍ଗୁଳିରେ ଦିଅ ମୋହିନୀ
ତୁମେ ବଡ଼ ସିନା ତୁମରି ନିକଟେ, ମୋ ନିକଟେ ପ୍ରାଣ-ସଙ୍ଗୀତ
ତୁମେ ବଡ଼ ସିନା ଆକାଶ ଉର୍ଦ୍ଧ୍ୱରେ, ମୋ ହୃଦୟେ ପ୍ରେମ ସଖା ତ।"
(କରିଛ ବାରଣ-ଅଞ୍ଜଳି)

ଏହି କାଳର ଯଶସ୍ୱୀ ସାଧକ ଡ. ମାୟାଧର ମାନସିଂ ପ୍ରକୃତ ପକ୍ଷରେ ପ୍ରେମ ଓ ପ୍ରଣୟର କବି। ତାଙ୍କ ପ୍ରେମର ଉପଲବ୍ଧି ଦେହରୁ ଦେହକୁ ନୁହେଁ, ବରଂ ତାହା ହେଉଛି ଦେହାତୀତ, ଆତ୍ମା ସହିତ ଆତ୍ମାର ସମ୍ପର୍କ। ଯେଉଁ ପ୍ରେମ ମଣିଷକୁ ଚେତନାର ଶିର୍ଷ ବିନ୍ଦୁରେ ଅବସ୍ଥାନ କରାଇଥାଏ, କବି ମାନସିଂ ସେଭଳି ପ୍ରେମାନୁଭବରେ ତନ୍ମୟ ବିଲ୍ଲୋଳ ହୋଇ ଉଠିଛନ୍ତି।

କବି ସ୍ୱକୀୟ 'ବିରହୀ ଗାଥା' କବିତାରେ ବର୍ଣ୍ଣନା କରିଛନ୍ତି ଯେ, ପ୍ରେମର ପ୍ରକୃତ ମୂଲ୍ୟ ପ୍ରକୃତରେ ଅନୁଭବ କରିହୁଏ ବିରହ ବେଦନାରେ। କବି ତାଙ୍କ ସେହି ବିରହ ବେଦନାକୁ ପ୍ରକାଶ କରିଛନ୍ତି।

"ଅୟୁତ ଅୟୁତ ଜନମ ବିତାଇ
ପୁଣି ଗୋ ପୁରୁଣା ଧରଣୀ ତଳେ
ଜନମ କି ଆମେ ଯୁଗଳ ପରାଣ
ମାନବ ଶରୀରେ ମାନବ କରେ ?"

କବି ରାଧାମୋହନ ଗଡ଼ନାୟକଙ୍କ 'ଲଳିତା' କବିତାରେ ଅନ୍ୟର ପ୍ରେମ ପାଇଁ ଆପଣାକୁ ସମ୍ପୂର୍ଣ୍ଣ ଭାବେ ଉତ୍ସର୍ଗ କରିଦେବାର ଚରମ ଭାବନା ପ୍ରକାଶିତ ହୋଇଛି। କବିପ୍ରେମର ଚିରନ୍ତନ ଦୂତିକା ଲଳିତାକୁ ସମ୍ବୋଧନ କରି କହନ୍ତି :-

"ଆପଣାରେ କରି କ୍ଷୁର୍ଣ୍ଣ
ଅପରେ କରୁଛ ପୂର୍ଣ୍ଣ
ପ୍ରେମିକା ନୁହଁ ତ ଦୂତିକା
ପ୍ରେମିକାର ତୁମେ ଗୁରୁ ଗୋ।"

ଦରଦୀ ମାନବାଦୀ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ କବିତାରେ ମଧ୍ୟ ଉପଲବ୍ଧି ହୋଇଥାଏ ପ୍ରେମର ମଧୁରତମ ଉପଲବ୍ଧି। ତାଙ୍କ 'ଆପଣାର କର ମତେ' କବିତାରେ ପ୍ରେମାଚ୍ଛନ୍ନ ହୃଦୟର ନିବେଦନ ଅତ୍ୟନ୍ତ ଚମତ୍କାର ଭାବେ ରୂପଲାଭ କରିଅଛି। କବିଙ୍କ ଭାଷାରେ :-

"ଅନ୍ତର ରହେଁ ଅନ୍ତରେ ତବ ଢାଳି
ଫୁଟିବାକୁ ସଜ ବିକଚ କମଳ ଭଳି
ଧରଣୀ ଆକାଶ ଲକ୍ଷ ସୁଷମା ମେଳେ
ରହିବାକୁ ଲୋଡ଼େ ତମରି ପ୍ରଣୟ ଖେଳେ।"

ସୁତରାଂ, ସବୁଜ ସମସାମୟିକ କବିବୃନ୍ଦ ସ୍ୱକୀୟ କବିତାଗୁଡ଼ିକ ମଧ୍ୟ ରେ ସ୍ୱକୀୟ ହୃଦୟର ପ୍ରେମାଚ୍ଛନ୍ନ ଭାବକୁ ଅତ୍ୟନ୍ତ ମଞ୍ଜୁଳ ଭାବେ ପରିବେଷଣ କରିଛନ୍ତି ସ୍ୱକୀୟ କବିତା ମଧ୍ୟ ରେ। ତାହା ତାଙ୍କ କବିତାଗୁଡ଼ିକ ମଧ୍ୟ ରେ ସୃଷ୍ଟି କରିଛି ଅପୂର୍ବ ଭାବସ୍ପନ୍ଦନ।

## ୪.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।**

(କ) କବୟିତ୍ରୀ କୁନ୍ତଳାକୁମାରୀଙ୍କ 'ଆହ୍ୱାନ' କବିତା।

(ଖ) ପଦ୍ମଚରଣଙ୍କ 'ଧଉଳି ପାହାଡ଼' କବିତା।

(ଗ) କୁନ୍ତଳା କୁମାରୀଙ୍କ 'ଆକୁଳେ' କବିତା।

(ଘ) ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ମଉଳା ଏ ଫୁଲବନେ' କବିତା।

(ଙ) ପଦ୍ମଚରଣଙ୍କ 'ଯୌବନର ବାସନା' କବିତା।

(ଚ) କୁନ୍ତଳାକୁମାରୀଙ୍କ 'ଗଡ଼ଜାତ କୃଷକ' କବିତା।

(ଛ) କବି ମାନସିଂଙ୍କ 'ମଜ୍‌ଦୁର' କବିତା।

(ଜ) କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ 'ଆଲିଙ୍ଗନ' କବିତା।

(ଝ) କବି କୁଞ୍ଜବିହାରୀଙ୍କ 'ବାଇଆଣି' କବିତା।

(ଞ) ରାଧାମୋହନ ଗଡ଼ନାୟକଙ୍କ 'ଲଳିତା' କବିତା।

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

(କ) ସବୁଜ ସମକାଳୀନ କବିତା ଗୁଡ଼ିକରେ ଜାତୀୟତାବାଦୀ ଚିନ୍ତାଧାରା ସମ୍ପର୍କରେ ଆଲୋଚନା କର।

(ଖ) ସବୁଜ ସମକାଳୀନ କବବିତାରେ ଆଧିଭୌତିକ ଚେତନା ସମ୍ପର୍କରେ ଆଲୋକପାତ କର।

(ଗ) ସବୁଜ ସମକାଳୀନ କବିତାରେ ପ୍ରେମ ୧ ପ୍ରଣୟ ସମ୍ପର୍କରେ ଆଲୋଚନା କର।

## ୪.୬ ସହାୟକ ଗ୍ରନ୍ଥସୂଚୀ


- ଆଚାର୍ଯ୍ୟ, ବୃନ୍ଦାବନ ଚନ୍ଦ୍ର - (୨୦୧୨) ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ, ଗ୍ରନ୍ଥମନ୍ଦିର, କଟକ।
- ବେହୁରା, ରାଧାଶ୍ୟାମ - (୨୦୦୭) ସାହିତ୍ୟିକ ମାନସିଂ ସାଇସଦନ, ଜଗତସିଂପୁର
- ଶତପଥୀ, ଡ. ନିତ୍ୟାନନ୍ଦ (୨୦୧୧) ସବୁଜରୁ ସାମ୍ପ୍ରତିକ ଗ୍ରନ୍ଥମନ୍ଦିର, କଟକ।
- ସାରଳା ସାହିତ୍ୟ ସଂସଦ - (୨୦୧୪) ଉତ୍କଳ ଭାରତୀ କୁନ୍ତଳା କୁମାରୀ, ଓଡ଼ିଶା ବୁକ୍‌ଷ୍ଟୋର୍ସ, କଟକ।


□□□



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University, Sambalpur
www.osou.ac.in
e-mail: info@osou.ac.in